# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 13, ISSUE NO. - 26, DATE : 16.05.2026 - 31.05.2026 FORTNIGHTLY (ODIA), BHUBANESWAR. PAGES-08


## ନୋଏଡ଼ା ସମେତ ଅନ୍ୟ କେତେକ ସ୍ଥାନରେ ଶ୍ରମିକ ଆନ୍ଦୋଳନ ନିର୍ମମ ଶ୍ରମିକ ଶୋଷଣ ଏବଂ ରାଷ୍ଟ୍ରର ବର୍ବର ଦମନକୁ ଉଜାଗର କରିଛି

ଗତ ଅପ୍ରେଲ ୧୩ ତାରିଖରେ, ଉତ୍ତର ପ୍ରଦେଶର ଶିଳ୍ପ ହବ୍ ନୋଏଡ଼ାର ବିଭିନ୍ନ ସ୍ଥାନରେ ହଜାର ହଜାର ଶ୍ରମିକ ମଜୁରୀ ବୃଦ୍ଧି, କର୍ମ କ୍ଷେତ୍ରରେ ଉନ୍ନତ ପରିବେଶ ଏବଂ ମହିଳା ଶ୍ରମିକମାନଙ୍କ ସୁରକ୍ଷା ଦାବିରେ ସ୍ୱତଃସ୍ଫୂର୍ତ୍ତ ଭାବେ ରାଜପଥକୁ ଓହ୍ଲାଇଥିଲେ। ହଜାର ହଜାର ଶ୍ରମିକଙ୍କର ଏହି ସ୍ୱତଃସ୍ଫୂର୍ତ୍ତ ପ୍ରତିବାଦ ବିଚ୍ଛିନ୍ନ ଘଟଣା ନଥିଲା। ଫେବୃଆରୀ ଆରମ୍ଭରେ, ବିହାରର ବରୌନୀ ସ୍ଥିତ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ (IOCL) ତୈଳ ବିଶୋଧନାଗାରର ହଜାର ହଜାର ଚୁକ୍ତିଭିତ୍ତିକ ଶ୍ରମିକ ଏବଂ ଫେବୃଆରୀ ଶେଷ ଆଡ଼କୁ ହରିଆଣାର ପାନିପଥରେ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ (IOCL) ର ପ୍ରାୟ ୩୦,୦୦୦ କର୍ମଚାରୀ ସମାନ ଦାବି ନେଇ ଧର୍ମଘଟ କରିଥିଲେ। ପ୍ରାୟ ସେହି ସମୟରେ, ଗୁଜରାଟର ହାଜିରାଠାରେ 'ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍' ପ୍ରକଳ୍ପର ନିର୍ମାଣ ସ୍ଥଳରେ 'ଲାର୍ସେନ ଆଣ୍ଡ ଟୁବ୍ରୋ' (L&T) ର ପାଂଚ ହଜାର ଚୁକ୍ତିଭିତ୍ତିକ ଶ୍ରମିକ କାମ ବନ୍ଦ କରି ସମାନ ଦାବିରେ ଲଢୁଆ ଆନ୍ଦୋଳନ କରିଥିଲେ।

### ନୋଏଡ଼ା ଆନ୍ଦୋଳନ

ସୂଚନାଯୋଗ୍ୟ ନୋଏଡା ଆନ୍ଦୋଳନ ହେଉଛି ଅତି ସ୍ୱଳ୍ପ ମଜୁରିରେ ଏବଂ ପି.ଏଫ୍. (PF), ଇଏସ୍ଆଇ(ESI) ଆଦି ସୁବିଧାରୁ ବଂଚିତ ଚୁକ୍ତିଭିତ୍ତିକ ଶ୍ରମିକ ମାନଙ୍କର ଲଢେଇ। ଶ୍ରମିକ ମାନଙ୍କୁ କର୍ମକ୍ଷେତ୍ରରେ ସର୍ବନିମ୍ନ ସୁରକ୍ଷା ବ୍ୟବସ୍ଥାରୁ ବଂଚିତ କରାଯିବା ଫଳରେ, ଏହି ଶିଳ୍ପଗୁଡ଼ିକ ଅତ୍ୟନ୍ତ ଦୁର୍ଘଟଣାପ୍ରବଣ ହୋଇପଡ଼ିଛି। ଏହା ବ୍ୟତୀତ ଏହି ଶ୍ରମିକ ମାନଙ୍କୁ ଅତ୍ୟନ୍ତ ସ୍ୱଳ୍ପ ମଜୁରିରେ କାମ କରିବାକୁ ବାଧ କରାଯାଉଛି। ମୁଖ୍ୟତଃ ପୋଷାକ ରପ୍ତାନୀ ଶିଳ୍ପ ଏବଂ ଅଟୋମୋବାଇଲ୍ ପାର୍ଟସ୍ ନିର୍ମାଣ ଶିଳ୍ପରେ କାମ କରୁଥିବା ପ୍ରାୟ ୪୦,୦୦୦ ରୁ ଅଧିକ ଚୁକ୍ତିଭିତ୍ତିକ ନିର୍ମମ ଶୋଷଣର ଶିକାର ଶ୍ରମିକ ମାନେ ନୋଏଡ଼ାରେ ଧର୍ମଘଟ କରିଥିଲେ। ଏହା ଥିଲା ଶ୍ରମିକ ମାନଙ୍କର ଗୋଟିଏ ଅତ୍ୟନ୍ତ ନିର୍ଯାତିତ ଗୋଷ୍ଠୀର ସଦ୍ୟତମ ଆକ୍ରୋଶର ବହିଃପ୍ରକାଶ। ଆନ୍ଦୋଳନକାରୀ ଶ୍ରମିକମାନଙ୍କର ଦରମା ବୃଦ୍ଧି ଦାବି କେବଳ ମାଲିକଙ୍କ ବିରୁଦ୍ଧରେ ନଥିଲା, ବରଂ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ମଧ ଥିଲା। ସଂଗଠିତ ଶିଳ୍ପରେ ମଜୁରୀ ନିର୍ଦ୍ଧାରଣ କରିବାର ଏକ ପଦ୍ଧତି ହେଉଛି ପ୍ରତି ପାଂଚ ବର୍ଷରେ ଦରମାର ମୂଳ ଦରମାରେ(basic pay) ପରିବର୍ତ୍ତନ ବା ସଂଶୋଧନ କରିବା। ନ୍ୟୂନତମ ମଜୁରି ଆଇନ, ୧୯୪୮ (Minimum Wages Act, ୧୯୪୮) ରହିଥିବା ଏହି ବ୍ୟବସ୍ଥାକୁ ନୂତନ ଶ୍ରମ କୋଡ୍‌ରେ ମଧ ବଜାୟ ରଖାଯାଇଛି।

କିନ୍ତୁ ସେହି ଆଇନଗତ ବ୍ୟବସ୍ଥାକୁ ସ୍ୱୀକୃତି ଦେବା ବଦଳରେ ଉତ୍ତର ପ୍ରଦେଶ ସରକାର ଆନ୍ଦୋଳନକାରୀ ଶ୍ରମିକମାନଙ୍କୁ 'ଆଇନ ଭଙ୍ଗକାରୀ' ଏବଂ 'ଅପରାଧୀ' ବୋଲି ଆଖ୍ୟା ଦେଇଛନ୍ତି। ରାଜ୍ୟ ଶ୍ରମ ମନ୍ତ୍ରୀ ଏହି ପ୍ରତିବାଦକୁ 'ପାକିସ୍ତାନର ଷଡ଼ଯନ୍ତ୍ର' ବୋଲି କହିଛନ୍ତି। ପୋଲିସ ଶାନ୍ତିପୂର୍ଣ୍ଣ ଭାବେ ବସିଥିବା ପ୍ରତିବାଦକାରୀଙ୍କ ଉପରେ ମଧ ନିର୍ମମ ବଳ ପ୍ରୟୋଗ କରିଛି ଏବଂ ଆନ୍ଦୋଳନର ନେତାମାନଙ୍କୁ ଗିରଫ କରିଛି। ଏହା ବ୍ୟତୀତ ଆନ୍ଦୋଳନକାରୀ ଶ୍ରମିକ ମାନଙ୍କ ଉପରେ ନିର୍ମମ ଲାଠି ଚାର୍ଜ, ବ୍ୟାପକ ଗିରଫଦାରୀ ଏବଂ କେବଳ ଧର୍ମଘଟକାରୀଙ୍କୁ ନୁହେଁ, ବରଂ ଏହା ସହ ଜଡ଼ିତ ଥିବା ସନ୍ଦେହ କରାଯାଉଥିବା ସହାନୁଭୂତିଶୀଳ ବ୍ୟକ୍ତି ଓ ଆୟୋଜକମାନଙ୍କୁ ମଧ ଅଟକ ରଖାଯାଇଛି। ଆନ୍ଦୋଳନକୁ ସମର୍ଥନ କରୁଥିବା ବହୁ ଲୋକଙ୍କୁ ଏନ୍ଏସଏ ଭଳି ମାରାତ୍ମକ ଦଫାରେ ଗିରଫ କରାଯାଇଛି। ଦଙ୍ଗା ଏବଂ ହିଂସା ଭିଆଉଥିବା ଅଭିଯୋଗରେ ୪୦୦ ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକ କାରଖାନା ଶ୍ରମିକ ନଥିଲେ। ସେମାନଙ୍କୁ ଉତ୍ତେଜନା ସୃଷ୍ଟି ଅଭିଯୋଗରେ ଗିରଫ କରାଯାଇଛି। ହଜାର ହଜାର ଲୋକଙ୍କ ନାମରେ ଏଫ୍ଆଇଆର(FIR) ଦାୟର କରି ପୋଲିସ ୟୁନିଅନ ସଦସ୍ୟ, ଓକିଲ ଏବଂ ଆନ୍ଦୋଳନପ୍ରତି ସହାନୁଭୂତିଶୀଳ ବ୍ୟକ୍ତିମାନଙ୍କୁ ଟାର୍ଗେଟ କରିଛି। ଆନ୍ଦୋଳନ ସମୟରେ ଶ୍ରମିକ ସଂଗଠନ ଗୁଡ଼ିକର କାର୍ଯ୍ୟାଳୟକୁ କର୍ଡନ କରାଯାଇଥିଲା ଏବଂ ଏଆଇୟୁଟିୟୁସି ର ନେତାମାନଙ୍କ ସମେତ ଅନେକ ଶ୍ରମିକ ନେତାଙ୍କୁ ଗୃହବନ୍ଦୀ କରି ରଖାଯାଇଥିଲା। ନାଗରିକ ସମାଜ ଯେପରି ଆଗକୁ ଆସି ପ୍ରତିବାଦ ନକରେ ଏବଂ ଶ୍ରମିକମାନଙ୍କୁ ସମର୍ଥନ କିମ୍ବା ସହାନୁଭୂତି ନଦେଖାଏ, ସେଥିପାଇଁ ସେମାନଙ୍କୁ ଆତଙ୍କିତ କରିବାକୁ ଯାଇ ଉତ୍ତର ପ୍ରଦେଶ ବିଶେଷ ପୋଲିସ ବଳ ଏବଂ ନୋଏଡ଼ା ପୋଲିସ ଏନ.ଆଇ.ଟି. ଜାମସେଦପୁରର ଜଣେ ବି-ଟେକ୍ ସ୍ନାତକଙ୍କୁ ତାମିଲନାଡୁର ତିରୁଚିରାପଲ୍ଲୀ ରେଳ ଷ୍ଟେସନରୁ ଗିରଫ କରିଥିଲା। ତାଙ୍କୁ ଅଟକ ଆଇନ ବଳରେ ଗିରଫ କରିଥିଲା । ଶ୍ରମିକମାନଙ୍କ ମଧ୍ୟରେ ଭ୍ରମାତ୍ମକ ସୂଚନା ପ୍ରସାର କରିବା ପାଇଁ ହ୍ୱାଟ୍ସଆପ୍

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ରାଜ୍ୟରେ ଦ୍ରୁତ ବଢ଼ିଚାଲିଥିବା ଭିଡ଼ ହିଂସା ଘଟଣାରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ଗଭୀର ଉଦ୍‌ବେଗ

ସମ୍ପ୍ରତି ରାଜ୍ୟରେ ଭିଡ଼ ହିଂସା ଉଦବେଗଜନକ ପରିସ୍ଥିତି ସୃଷ୍ଟି କରିଛି ବୋଲି ଏସୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ କମିଟି ପକ୍ଷରୁ ଏକ ପ୍ରେସ ଇସ୍ତାହାରରେ କୁହାଯାଇଛି। ଦଳର ରାଜ୍ୟ ସମ୍ପାଦକ କମ୍ରେଡ୍ ଶଙ୍କର ଦାଶଗୁପ୍ତ କହିଛନ୍ତି ଯେ - ବିଜେପି ଦଳର ଡବଲ ଇଞ୍ଜିନ ସରକାରର ଶାସନ କାଳରେ ଭିଡ଼ ହିଂସା ଏବଂ ସାମ୍ପ୍ରଦାୟିକ ଉତ୍ତେଜନା ଅତ୍ୟନ୍ତ ଉଦବେଗ ଜନକ ଅବସ୍ଥାରେ ପହଂଚିଛି। ରାଜଧାନୀ ଉପକଣ୍ଠରେ ଗତ ଦୁଇଦିନ ମଧରେ ପୋଲିସର ଉପସ୍ଥିତିରେ ଦୁଇଟି ବିଭତ୍ସ ଭିଡ଼ ହତ୍ୟା ଘଟିଛି। ନିକଟ ଅତୀତରେ ଭଞ୍ଜନଗର, ବ୍ରହ୍ମପୁର ,ପୁରୀ ସମେତ ଅନ୍ୟ କେତେକ ସ୍ଥାନରେ ଏହି ଧରଣର ନୃଶଂସ କାଣ୍ଡ ଘଟିଥିବା କଥା ସମ୍ବାଦପତ୍ର ମାନଙ୍କରେ ପ୍ରକାଶ ପାଇଛି। ବିଜେପି ଆରଏସ୍ଏସ୍ ତଥା ସଂଘ ପରିବାର ପକ୍ଷରୁ ଚାଲିଥିବା ହିଂସା ଓ ଘୃଣାର ବ୍ୟାପକ ଲଗାମ୍ ଛଡ଼ା ପ୍ରଚାର ଏବଂ ନିରୀହ ଲୋକଙ୍କ ଉପରେ ବିଭିନ୍ନ ଆଳରେ ଆକ୍ରମଣ ଏହି ଧରଣର ଜଘନ୍ୟ ଘଟଣା ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛି। ଏହା ଫଳରେ ସମଗ୍ର ରାଜ୍ୟରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି। ସରକାରୀ ଦଳ ଓ କଳର ପୃଷ୍ଠପୋଷକତାରେ ହିଁ ଯେ ଏହି ଧରଣର ହିଂସା, ହତ୍ୟା ଓ ଭିଡ଼ ହତ୍ୟା ହେଉଛି ତାହା ଅତ୍ୟନ୍ତ ସ୍ପଷ୍ଟ। ଏହା ବ୍ୟତୀତ ସରକାରୀ ପୃଷ୍ଠପୋଷାକତାରେ ମଦ, ମାଦକ ଦ୍ରବ୍ୟ, ଡ୍ରଗ୍ସ ର ବ୍ୟାପକ ପ୍ରସାର କରାଯାଉଛି। ଏହା ଫଳରେ ସାମାଜିକ ପରିବେଶ ଅତ୍ୟନ୍ତ ପ୍ରଦୂଷିତ ହେଉଛି ଏବଂ ମହିଳା ମାନଙ୍କ ଉପରେ ନାନା ଧରଣର ଅତ୍ୟାଚାର ଓ ନିର୍ଯାତନା ବଢ଼ିଚାଲିଛି।ଏହିଭଳି ପରିସ୍ଥିତିରେ ସାଂପ୍ରଦାୟିକ ଉତ୍ତେଜନା, ହିଂସା ଓ ଘୃଣାର ପ୍ରଚାର କରୁଥିବା ବ୍ୟକ୍ତି ବିଶେଷ ଓ ସଂଗଠନ ତଥା ହିଂସାକାଣ୍ଡରେ ଲିପ୍ତ ଅପରାଧୀ ମାନଙ୍କୁ ତୁରନ୍ତ ଗିରଫ କରି ଆଇନ ଅନୁଯାୟୀ ଦଣ୍ଡ ବିଧାନ କରିବା ପାଇଁ କମ୍ରେଡ୍ ଦାସଗୁପ୍ତା ସରକାରଙ୍କ ନିକଟରେ ଦୃଢ ଦାବି କରିଛନ୍ତି।

## କମସୋମଲ ପକ୍ଷରୁ ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଶିବିର






(ବିଷଦ ବିବରଣୀ ଆସନ୍ତା ସଂଖ୍ୟାରେ)

### ଭିତର ପୃଷ୍ଠାରେ


- ★ ଇତିହାସର ଅମୋଘ ନିୟମରେ ହିଁ ସମାଜ ଦୁଇଟି ଭାଗରେ ବିଭକ୍ତ ହୋଇଛି, ଏହାକୁ ଅସ୍ୱୀକାର କରିବାର ଉପାୟ ନାହିଁ। - ଶିବଦାସ ଘୋଷ
- ★ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଓ 'ନିଶାମୁକ୍ତ ଓଡିଶା'ର ପ୍ରତିଶୃତି



# ଇତିହାସର ଅମୋଘ ନିୟମରେ ହିଁ ସମାଜ ଦୁଇଟି ଭାଗରେ ବିଭକ୍ତ ହୋଇଛି, ଏହାକୁ ଅସ୍ୱୀକାର କରିବାର ଉପାୟ ନାହିଁ।

**- ଶିବଦାସ ଘୋଷ**

x x x ଆମେ ଚାହୁଁ ବା ନ ଚାହୁଁ, ଆମ ସମାଜ ହେଉଛି ଶ୍ରେଣୀ ବିଭକ୍ତ ସମାଜ, ଶୋଷକ ଓ ଶୋଷିତରେ ବିଭକ୍ତ ସମାଜ। ଏହା ଏକ ସିଧାସଳଖ କଥା। ଏହାର ଗୋଟିଏ ଦିଗରେ କୋଟି କୋଟି ଶୋଷିତ ଜନସାଧାରଣ ଯେଉଁମାନେ ନିଜର ଶ୍ରମ ବିନିମୟରେ କୌଣସି ମତେ ହିଁ ଦିନ କାଟୁଛନ୍ତି, ଅନ୍ୟଦିଗରେ ମୁଷ୍ଟିମେୟ ଶୋଷକ ଶ୍ରେଣୀ ଯେଉଁମାନେ ଦେଶର ଯାହାକିଛି ଧନ ସଂପତ୍ତି ରହିଛି ତାର ମାଲିକ। ମଣିଷର ପରିଶ୍ରମ ଫଳରେ ଦେଶରେ ଯାହାକିଛି ଧନସଂପଦ ବୃଦ୍ଧି ପାଉଛି ମୁନାଫା ମାଧ୍ୟମରେ ତାକୁ ସେମାନେ ଆତ୍ମସାତ କରୁଛନ୍ତି। ତା'ଫଳରେ ଦେଶରେ ଯାହାବି କିଛି ଶିଳ୍ପୋନ୍ନତି ହୋଇଛି, ଯାହା କିଛି ଶିଳ୍ପ ବିକାଶ ଘଟିଛି, ଯେଉଁ ସଂପଦ ସୃଷ୍ଟି ହେଉଛି ସେ ସବୁକିଛି ମୁଷ୍ଟିମେୟ ଲୋକଙ୍କ ହାତରେ କେନ୍ଦ୍ରୀଭୂତ ହେଉଛି। ସାଧାରଣ ଲୋକଙ୍କ ଜୀବନରେ ଏହାର କୌଣସି ପ୍ରଭାବ ପଡୁନାହିଁ। ଦାରିଦ୍ର୍ୟ ଚରମ ଆକାର ଧାରଣ କରୁଛି, ଜିନିଷପତ୍ରର ଦରଦାମ ବଢୁଛି, ବେକାରୀ ସମସ୍ୟା ବଢୁଛି, ସଂସ୍କୃତିର ଚୂଡ଼ାନ୍ତ ଅବକ୍ଷୟ ଘଟୁଛି, ନାନା ସମସ୍ୟା ଦେଖା ଦେଉଛି।

ମୂଳତଃ, ଶୋଷକ ଓ ଶୋଷିତ ଏହି ଦୁଇଭାଗରେ ବିଭକ୍ତ ଏହି ଯେ ଆମ ସମାଜ, କେହି ଚାହିଁଛି ବୋଲି ଏହା ହୋଇନାହିଁ। ଆମକୁ ଭଲ ଲାଗୁ ବା ନଲାଗୁ, ଆମେ ପସନ୍ଦ କରୁ ବା ନକରୁ ଇତିହାସର ଅମୋଘ ନିୟମରେ ହିଁ ସମାଜ ଦୁଇ ଭାଗରେ ବିଭକ୍ତ ହୋଇଛି। ଏହାକୁ ଅସ୍ୱୀକାର କରିବା ପାଇଁ ଆମର ଉପାୟ ନାହିଁ। ଯେବେଠାରୁ ଉତ୍ପାଦନ ଓ ବଣ୍ଟନ ମଧ୍ୟରେ ଦ୍ୱନ୍ଦ୍ୱକୁ କେନ୍ଦ୍ରକରି ସମାଜ ଦ୍ୱିଧା ବିଭକ୍ତ ହୋଇଛି ତା'ପରଠାରୁହିଁ ସ୍ୱେଚ୍ଛାରେ ହେଉ ବା ଅନିଚ୍ଛାରେ, ଜାଣି ବୁଝି ହେଉ ବା ଅଜଣା ଭାବରେ ହେଉ, ଆମେ କୌଣସି ନା କୌଣସି ଶ୍ରେଣୀର ସ୍ୱାର୍ଥ ସହିତ ଜଡ଼ିତ ହୋଇପଡୁ, ଜଡ଼ିତ ହୋଇ ହିଁ ବାସକରୁ। କାରଣ ଉତ୍ପାଦନ ସହିତ କୌଣସି ନା କୌଣସି ପ୍ରକାର ସଂପର୍କ ସ୍ଥାପନ ବ୍ୟତିରେକେ ଆମେ ସାମାଜିକ ପ୍ରାଣୀ ହିସାବରେ ସମାଜରେ ବସବାସ କରିପାରିବୁ ନାହିଁ। ଖାଇବା, ପିନ୍ଧିବା, ଜୀବନ ଧାରଣ କରିବା ପ୍ରଭୃତି ସମସ୍ତ ବ୍ୟାପାରରେ ହିଁ ଆମକୁ ଉତ୍ପାଦନ ବ୍ୟବସ୍ଥା ସହିତ ସଂପର୍କ ସ୍ଥାପନ କରିବାକୁ ହୁଏ ଏବଂ ଏହି ସଂପର୍କ ସ୍ଥାପନ ମଧ୍ୟଦେଇ ଆମେ ସ୍ୱେଚ୍ଛାରେ ବା ଅନିଚ୍ଛାରେ କୌଣସି ନା କୌଣସି ଶ୍ରେଣୀର ସ୍ୱାର୍ଥ ସହିତ ଜଡ଼ିତ ହୋଇପଡୁ। ବର୍ତ୍ତମାନ ସମାଜରେ ଅବସ୍ଥାନ କରୁଥିବା ଦୁଇଟି ପରସ୍ପର ବିରୋଧୀ ଶ୍ରେଣୀର ଦୁଇଟି ପରସ୍ପର ବିରୋଧୀ ସ୍ୱାର୍ଥବୋଧ ମଧ୍ୟ ରହିଛି। ପ୍ରଚଳିତ ସମାଜ ବ୍ୟବସ୍ଥା ଦ୍ୱାରା ଶୋଷକ ଶ୍ରେଣୀ ସବୁଠାରୁ ଅଧିକ ଲାଭବାନ ହୁଏ ବୋଲି ସବୁ ସମୟରେ ସେହି ବ୍ୟବସ୍ଥାକୁ ବଂଚେଇ ରଖିବାକୁ ଚାହେଁ। ପ୍ରଚଳିତ ସମାଜ ବ୍ୟବସ୍ଥାକୁ ବଂଚାଇ ରଖିବାପାଇଁ ଧର୍ମ, ଅନୁଶାସନ, ଯୁକ୍ତି, ଆଦର୍ଶବାଦ, ନ୍ୟାୟନୀତି, ଆଇନକାନୁନ, ଅର୍ଥନୀତିଶାସ୍ତ୍ର-ସବୁକିଛିକୁ ସେମାନେ ଗଢ଼ିତୋଳିଛନ୍ତି, ସେମାନେ ତା ସପକ୍ଷରେ ପ୍ରଚାର କରନ୍ତି, ଯୁକ୍ତିର ଜାଲ ବିସ୍ତାର କରନ୍ତି। ଅବଶ୍ୟହିଁ ସେମାନେ ଏସବୁକୁ ସମସ୍ତ ଲୋକଙ୍କ ସ୍ୱାର୍ଥ ନାମରେ ହିଁ କରନ୍ତି, 'ସମସ୍ତ ଲୋକଙ୍କର କଲ୍ୟାଣ ପାଇଁ କରୁଛୁ' ବୋଲି ହିଁ କରନ୍ତି। କିନ୍ତୁ ପ୍ରକୃତରେ ଏ ସବୁକିଛି ସେମାନେ ସେମାନଙ୍କ ଶ୍ରେଣୀ ଶାସନ ଓ ଶୋଷଣକୁ ବଜାୟ ରଖିବାପାଇଁ କରନ୍ତି। ପ୍ରଚଳିତ ସମାଜ ବ୍ୟବସ୍ଥାକୁ ବଂଚାଇ ରଖିବା ହିଁ ଶୋଷକ ଶ୍ରେଣୀର ସ୍ୱାର୍ଥ ଏବଂ ଏହା ମଧ୍ୟରୁହିଁ ସେମାନଙ୍କର ଶ୍ରେଣୀ ସ୍ୱାର୍ଥ ବୋଧର ଜନ୍ମ। ଠିକ୍ ସେହିଭଳି ଗୋଟିଏ ଶୋଷଣ ମୂଳକ ସମାଜ ବ୍ୟବସ୍ଥାରେ ଯେଉଁମାନେ ଶୋଷିତ ହେଉଛନ୍ତି, ସେହି ସବୁ ଲୋକ ଅର୍ଥାତ ଶୋଷିତ ଶ୍ରେଣୀଗୁଡ଼ିକ, ଶୋଷଣ ମୁକ୍ତି ପାଇଁ ଶୋଷଣମୂଳକ ରାଷ୍ଟ୍ର ଏବଂ ସମାଜ ବ୍ୟବସ୍ଥାଟାକୁ ପରିବର୍ତ୍ତନ କରିବାକୁ ଚାହାନ୍ତି। ଯାହା ଫଳରେ ଶୋଷଣରେ ଜର୍ଜରିତ ହେଉଥିବା ବେଶୀଭାଗ ଲୋକ-ଶୋଷଣରୁ ମୁକ୍ତିଲାଭ କରି ସୁନ୍ଦର ଜୀବନ ଗଢ଼ିତୋଳି ପାରିବେ, ଅର୍ଥନୈତିକ ଜୀବନର ବିକାଶ ସାଧନ କରିପାରିବ ଏବଂ ସାଂସ୍କୃତିକ ଜୀବନରେ ବିକାଶ ଘଟାଇବାକୁ ସକ୍ଷମ ହୋଇପାରିବେ। ସେଥିପାଇଁ ଦେଖାଯାଏ ଯେ, ଶ୍ରେଣୀବିଭକ୍ତ ସମାଜରେ ଇତିହାସର ସମସ୍ତ ସ୍ତରରେ ଶୋଷଣମୂଳକ ରାଷ୍ଟ୍ର ଓ ସମାଜ ବ୍ୟବସ୍ଥାକୁ ଭାଙ୍ଗି ସଂଖ୍ୟାଗରିଷ୍ଠ ଲୋକଙ୍କର ଅଗ୍ରଗତି ଓ ଉନ୍ନତି ସହିତ ସଂଗତି ରଖି ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ବିକାଶ ଘଟାଇବା ପାଇଁ ସକ୍ଷମ - ସବୁ ସମୟରେ ହିଁ ଏହିଭଳି ଏକ ରାଷ୍ଟ୍ର ବ୍ୟବସ୍ଥା ଗଢ଼ିତୋଳିବା ପାଇଁ ଶୋଷିତ ଶ୍ରେଣୀଗୁଡ଼ିକ ଚାହାଁନ୍ତି। ସୁତରାଂ, ସବୁ ଯୁଗରେ ହିଁ ଶୋଷଣ ମୂଳକ ରାଷ୍ଟ୍ର ଓ ବ୍ୟବସ୍ଥାକୁ ଭାଙ୍ଗି ପକାଇବା ହିଁ ଶୋଷିତ ମଣିଷର ସ୍ୱାର୍ଥ। ଆଉ ଏହିଠାରୁ ହିଁ ତାର ଶ୍ରେଣୀ ସ୍ୱାର୍ଥବୋଧର ଜନ୍ମ।

ସେଥିପାଇଁ ଶୋଷକ ଓ ଶୋଷିତରେ ବିଭକ୍ତ ହେବାପରଠାରୁ ହିଁ ଗୋଟିଏ ଦ୍ୱନ୍ଦ୍ୱ ପ୍ରତିନିୟତ ସମାଜର ଅଭ୍ୟନ୍ତରରେ ଶୋଷକଶ୍ରେଣୀ ଓ ଶୋଷିତ ଶ୍ରେଣୀ ମଧ୍ୟରେ ଚାଲିଛି। ଅର୍ଥନୀତିକୁ କେନ୍ଦ୍ରକରି, ରାଜନୀତି, ସମାଜନୀତି, ସଂସ୍କୃତି, ସବୁକିଛିକୁ କେନ୍ଦ୍ରକରି ସମସ୍ତ କ୍ଷେତ୍ରରେ ଏହି ଦୁଇ ପରସ୍ପର ବିରୋଧୀ ଶକ୍ତିର ଦ୍ୱନ୍ଦ୍ୱ ପ୍ରତିନିୟତ ହିଁ ଚାଲିଛି। ଏହି ଦ୍ୱନ୍ଦ୍ୱ ଚାଲୁଚାଲୁ ସଂଗ୍ରାମ ଯେତେବେଳେ ଗୋଟିଏ ଚରମ ରୂପ ଧାରଣକରେ, ସେତେବେଳେ ତାହା ପୁରାପୁରି 'କନ୍‌ଫ୍ଲିକ୍ଟ'(ସଂଘର୍ଷ) ବା ବିପ୍ଳବରେ ପର୍ଯ୍ୟବେଶିତ ହୁଏ ଏବଂ ଶେଷ ପର୍ଯ୍ୟନ୍ତ ପୁରୁଣା ରାଷ୍ଟ୍ର ବ୍ୟବସ୍ଥା ପରିବର୍ତ୍ତିତ ହୁଏ ଏବଂ ତା ପରିବର୍ତ୍ତେ ଆଉ ଏକ ନୂତନ ରାଷ୍ଟ୍ର ବ୍ୟବସ୍ଥା, ସମାଜବ୍ୟବସ୍ଥା ସ୍ଥାପନ ହୁଏ।

ଶ୍ରେଣୀବିଭକ୍ତ ହେବାପରେ ସମାଜ ଯେ, ବାରବାର ପରିବର୍ତ୍ତିତ ହେଉଛି, ସମାଜ ପରିବର୍ତ୍ତିତ ହେବାର ସେହି ପ୍ରତିଟି କ୍ଷେତ୍ରରେ ହିଁ ମୌଳିକ ନିୟମଟି ହେଉଛି - ସମାଜ ଅଭ୍ୟନ୍ତରରେ ଶୋଷକ ଓ ଶୋଷିତ ମାନଙ୍କ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ, ସେହି ଦ୍ୱନ୍ଦ୍ୱ ଚାଲୁଚାଲୁ ଯେତେବେଳେ ଗୋଟିଏ ଚରମ ପରିଣତିରେ ପହଞ୍ଚେ, ଯେତେବେଳେ ଆଉ କୌଣସି ପ୍ରକାରରେ ହିଁ ସେହି ଗୋଟିଏ ସମାଜର ଅଭ୍ୟନ୍ତରରେ ଶାସକ ଓ ଶୋଷିତ ନିଜ ନିଜ ମଧ୍ୟରେ ଆପୋଷକରି ମଧ୍ୟ ଚଳିପାରନ୍ତି ନାହିଁ, ଜୀବନଯାପନ କରିପାରନ୍ତି ନାହିଁ -ସେତେବେଳେ ଗୋଟିଏ ଚୂଡ଼ାନ୍ତ ମୁକାବିଲାର ସମୟ ଆସେ ଏବଂ ଏହି ଚୂଡ଼ାନ୍ତ ମୁକାବିଲା ମଧ୍ୟଦେଇ ଶୋଷିତ ଶ୍ରେଣୀ ଶୋଷକ ଶ୍ରେଣୀକୁ ଉତ୍‌ଖାତ କରିଦେଇ ଏକ ନୂତନ ସମାଜ, ନୂତନ ଅର୍ଥନୈତିକ ବ୍ୟବସ୍ଥା, ନୂତନ ନିୟମ, ଆଇନ-କାନୁନ, ରାଷ୍ଟ୍ରବ୍ୟବସ୍ଥା ପ୍ରବର୍ତ୍ତନ କରେ। ଏହି ସାମାଜିକ ନିୟମନୀତି, ଆଇନ-କାନୁନ, ଶିକ୍ଷା ବ୍ୟବସ୍ଥା, ସଂସ୍କୃତି- ଯାହାକିଛି ଆମେ ଦେଖୁଛୁ- ଏ ସବୁକିଛି ହିଁ ଗୋଟିଏ ବିଶେଷ ଅର୍ଥନୈତିକ ବ୍ୟବସ୍ଥାକୁ କେନ୍ଦ୍ରକରି ତାର ବର୍ହିଗଠନ ହିସାବରେ ଗଢ଼ିଉଠେ। ଏହି ସବୁକିଛିର ଦେଖଭାଲ କରିବାର, ରକ୍ଷା କରିବାର ଯନ୍ତ୍ର ହେଉଛି ରାଷ୍ଟ୍ର।

ସୁତରାଂ ରାଷ୍ଟ୍ର ହେଉଛି ଶ୍ରେଣୀ ହାତରେ ସବୁଠାରୁ ଶକ୍ତିଶାଳୀ ହତିଆର ଯାହାଦ୍ୱାରା ଶାସକ ଶ୍ରେଣୀ ସେମାନଙ୍କର ସମସ୍ତ ଇନ୍‌ଷ୍ଟିଚ୍ୟୁସନ (ପ୍ରତିଷ୍ଠାନ ଗୁଡ଼ିକ), ସମସ୍ତ କାର୍ଯ୍ୟକଳାପ, ଅର୍ଥନୀତିରୁ ଆରମ୍ଭକରି ରାଜନୈତିକ-ସାମାଜିକ-ସାଂସ୍କୃତିକ କ୍ଷେତ୍ରରେ ସେମାନଙ୍କର ଯେତେ ଆନ୍ଦୋଳନ ଏବଂ କର୍ମ ପ୍ରଚେଷ୍ଟା - ସବୁକିଛିକୁ ରକ୍ଷା କରେ। ସେଥିପାଇଁ ଗୋଟିଏ କଥାରେ କହିବାକୁ ଗଲେ ଶ୍ରେଣୀ ବିଭକ୍ତ ସମାଜରେ ରାଷ୍ଟ୍ର ହେଉଛି କୌଣସି ନା କୌଣସି ଶ୍ରେଣୀ ହାତରେ ଶ୍ରେଣୀ ଶାସନର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର। ଇତିହାସର ଛାତ୍ର ହୋଇଥିଲେ ଏକଥା ଅସ୍ୱୀକାର କରିବାର ଉପାୟ କାହାରି ନାହିଁ। କେବଳମାତ୍ର ଅନୈତିହାସିକ ମନଗଢ଼ା କଥାଦ୍ୱାରା ଦେହ ଜୋରରେ ହିଁ ଏକଥା ଅସ୍ୱୀକାର କରାଯାଇପାରେ। କିନ୍ତୁ ରାଷ୍ଟ୍ର ଗଢ଼ିଉଠିବାର ଇତିହାସ, ରାଷ୍ଟ୍ରବିପ୍ଳବ ଓ ରାଷ୍ଟ୍ରର କ୍ରମବିକାଶର ଇତିହାସ, ସମାଜ ଗଢ଼ିଉଠିବା ଓ ସମାଜର ଅଗ୍ରଗତିର ଇତିହାସ ଯଦି ଆମେ ଅନୁସନ୍ଧାନ କରୁ ଏବଂ ଜାଣିପାରୁ ତାହେଲେ ଯେଉଁ କଥାଗୁଡ଼ିକ ମୁଁ କହିଲି, ସେ ସବୁକୁ ଅସ୍ୱୀକାର କରିବାର ଉପାୟ ନାହିଁ।

ସେଥିପାଇଁ ବର୍ତ୍ତମାନ ଆମ ଦେଶର ରାଜନୈତିକ-ଅର୍ଥନୈତିକ-ସାଂସ୍କୃତିକ ପରିସ୍ଥିତି କି ଧରଣର ତାହା ଠିକ୍ ଭାବରେ ନିରୂପଣ କରିବାକୁ ହେଲେ ଶୋଷକ ଓ ଶୋଷିତ ମଧ୍ୟରୁ କାହାର ଦୃଷ୍ଟିଭଙ୍ଗୀ ଦ୍ୱାରା ଆମେ ସମସ୍ୟା ଗୁଡ଼ିକୁ ବିଚାର କରିବୁ- ପ୍ରଥମେ ସେହିଟିକୁ ହିଁ ଠିକ କରିନେବା ପ୍ରୟୋଜନ। ଆମେ ଯେତେବେଳେ କହିବୁ ଦେଶର ବର୍ତ୍ତମାନର ପରିସ୍ଥିତି-ସେତେବେଳେ ଏହି 'ଦେଶ' କଥାଟାକୁ ଆମେ କାହା ସ୍ୱାର୍ଥରେ ଭାବିବୁ? ଦେଶର ପଞ୍ଚାନବେ କୋଟି ଲୋକଙ୍କ ମଧ୍ୟରୁ ଖଟି ଖାଉଥିବା ଅକ୍ଳାନ୍ତ ଶ୍ରମ ଦ୍ୱାରା ଦେଶର ସଂପଦ ସୃଷ୍ଟି କରୁଥିବା, ବୁଦ୍ଧିଜୀବୀଠାରୁ ଆରମ୍ଭକରି ଗ୍ରାମର ଅଜ୍ଞ ଚାଷୀ ଏବଂ କ୍ଷେତ ମଜଦୁର ମାନଙ୍କ କଥା ଭାବିବୁ। ସେମାନଙ୍କୁ ନେଇ ତ ଦେଶ, ସେମାନଙ୍କ ସ୍ୱାର୍ଥ, ସେମାନଙ୍କ କଲ୍ୟାଣ କଥା ଭାବିବୁ ଏବଂ ଦେଶର ପରିସ୍ଥିତି କଥା ଚିନ୍ତା କରିବୁ? ନା ଏହି ପଞ୍ଚାନବେ କୋଟି ଲୋକଙ୍କ ମଧ୍ୟରୁ ଯେଉଁମାନେ ନିତାନ୍ତ ହିଁ ମୁଷ୍ଟିମେୟ, କୋଟିଏ ଦୁଇକୋଟି ଲୋକ ଯେଉଁମାନେ ଦେଶର ଯାହା ସଂପଦ ରହିଛି ସେସବୁର ମାଲିକ ହୋଇ ବସିଛନ୍ତି ଏବଂ ଯେଉଁମାନେ ଶୋଷଣର ରାସ୍ତାରେ ଦେଶର ଶ୍ରମଶକ୍ତିକୁ ଏବଂ ମଣିଷର ପରିଶ୍ରମକୁ କାମରେ ଲଗାଇ ମୁନାଫା ଲୁଟ କରୁଛନ୍ତି, ସେହି ଅତ୍ୟାଚାରୀ ଶୋଷକ ଶ୍ରେଣୀର ଦୃଷ୍ଟିଭଙ୍ଗୀରେ, ସେମାନଙ୍କ ସ୍ୱାର୍ଥରେ ଆମେ ଦେଶର କଥା ଭାବିବୁ? ଶ୍ରେଣୀ ବିଭକ୍ତ ସମାଜରେ ମାଲିକ-ମଜୁରିଆ, ଶୋଷକ-ଶୋଷିତ - ଉଭୟଙ୍କ ସ୍ୱାର୍ଥ କହିବାକୁ ଗଲେ, ଉଭୟଙ୍କର ଦେଶ କହିବାକୁ ଗଲେ ଏକ ଏବଂ ଅଭିନ୍ନ ସ୍ୱାର୍ଥବୋଧ ନୁହେଁ। ହୁଏତ ମାଲିକ ସ୍ୱାର୍ଥରେ ଦେଶାତ୍ମବୋଧ, ତା' ନହେଲେ ଶୋଷିତ ଜନସାଧାରଣଙ୍କ ସ୍ୱାର୍ଥରେ ଦେଶାତ୍ମବୋଧ। 'ଜାତୀୟ ଉନ୍ନତି', 'ଜାତୀୟ ଅଗ୍ରଗତିର ସମସ୍ୟା'- ଏହି ସମସ୍ତ କଥା ଶ୍ରେଣୀ ଦୃଷ୍ଟିଭଙ୍ଗୀକୁ ବାଦଦେଇ ଏବଂ ଶ୍ରେଣୀ ସ୍ୱାର୍ଥ କଥା ଉଲ୍ଲେଖ ନକରି, ଗୋଲ ଗୋଲ କରି, ଉପର ଠାଉରିଆ ଭାବରେ ଯେଉଁମାନେ କହନ୍ତି, ସେମାନେ ହୁଏତ ଧପ୍ପାବାଜ, ତା'ନହେଲେ ଗଣ୍ଡ ମୂର୍ଖ, ହୁଏତ ବଡ଼ ଶଇତାନ, ନହେଲେ ସଂପୂର୍ଣ୍ଣ ମୂର୍ଖ। ଏ ଦୁଇଟି ମଧ୍ୟରୁ ସେମାନେ ଯେକୌଣସି ଗୋଟିଏ ବାଛି ନେଇପାରନ୍ତି ଆମର କୌଣସି ଆପତ୍ତି ନାହିଁ। 'ସମସ୍ତଙ୍କ ସ୍ୱାର୍ଥ'- ଏ ଧରଣର କୌଣସି ସ୍ୱାର୍ଥବୋଧର କଥା ଏକମାତ୍ର ସଇତାନ ମାନେ ହିଁ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବାପାଇଁ କହିପାରନ୍ତି। ତା' ନହେଲେ ଅଜ୍ଞତାବସତଃ, ଗୋଟିଏ ମୂର୍ଖର ଦଳ ଏକଥା କହିପାରେ। ଯେଉଁମାନେ ସତ କଥା କହିବାକୁ ଚାହାନ୍ତି, ଯେଉଁମାନେ ଇତିହାସ, ଜ୍ଞାନବିଜ୍ଞାନକୁ ନେଇ ଚର୍ଚ୍ଚା କରନ୍ତି, ଯେଉଁମାନେ ଜନସାଧାରଣଙ୍କ କଥା କହିବେ ସେମାନେ ଏହିଭଳି ଉପର ଠାଉରିଆ ଭାବରେ କହିବେ ନାହିଁ। ସେମାନଙ୍କୁ କହିବାକୁ ହେବ କେଉଁ ଶ୍ରେଣୀର ସ୍ୱାର୍ଥରେ, କାହା ଅର୍ଥରେ ଦେଶର ସ୍ୱାର୍ଥବୋଧ ?xxx

*-'ସାଂସ୍କୃତିକ ଅବକ୍ଷୟ ଓ ବେକାର ସମସ୍ୟାର ସମାଧାନ କେଉଁ ପଥେ' ପୁସ୍ତିକାରୁ ଉଦ୍ଧୃତ।*

## *ନୋଏଡା ସମେତ . . .*

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଗ୍ରୁପ୍ ବ୍ୟବହାର କରିଥିବାର ମନଗଢ଼ା ଅଭିଯୋଗ ଭିତ୍ତିରେ ତାଙ୍କୁ ଗିରଫ କରାଯାଇଛି। ସୋସିଆଲ ମିଡିଆରେ ଆନ୍ଦୋଳନକୁ ସମର୍ଥନ କରୁଥିବା ଏହିଭଳି ବ୍ୟକ୍ତି ମାନଙ୍କୁ ଧରାଇଦେଲେ ୧ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ସତେ ଯେମିତି ସେମାନେ ଫେରାର ଅପରାଧୀ ବା ଆତଙ୍କବାଦୀ।

ଆନ୍ଦୋଳନ ପରିପ୍ରେକ୍ଷୀରେ ଲୋକଙ୍କ ଆଖିରେ ଧୂଳି ଦେବା ପାଇଁ ରାଜ୍ୟ ପ୍ରଶାସନ କଣ୍ଟ୍ରାକ୍ଟରମାନଙ୍କ ଉପରେ ନଜର ନରଖିବା ଏବଂ ଶ୍ରମିକ ମାନଙ୍କପାଇଁ ଆଇନଗତ ସୁବିଧା ସୁନିଶ୍ଚିତ ନକରିବା ଅଭିଯୋଗରେ ୨୪ଟି କାରଖାନାକୁ କଳାତାଲିକାଭୁକ୍ତ କରିଛି ବୋଲି ଘୋଷଣା କରାଯାଇଛି। ଏହା ବ୍ୟତୀତ ମଜୁରୀ ଏବଂ ଅନ୍ୟାନ୍ୟ ନିୟମ ଉଲ୍ଲଂଘନ ପାଇଁ ୨୦୩ ଜଣ କଣ୍ଟ୍ରାକ୍ଟରଙ୍କ ଲାଇସେନ୍ସ ବାତିଲ କରିବା ଏବଂ ଶ୍ରମ ଆଇନ ଅନୁପାଳନ କରିନଥିବାରୁ ୪୩ଟି କାରଖାନାକୁ ନୋଟିସ୍ ଜାରି କରିବା ଭଳି ମାମୁଲି ପଦକ୍ଷେପ ରାଜ୍ୟ ପ୍ରଶାସନ ଗ୍ରହଣ କରିଛି। ଶ୍ରମିକମାନଙ୍କର ଅନାଦେୟ ମଜୁରୀ ଓ ବୋନସ ସିଧାସଳଖ ଆଦାୟ କରିବା ପାଇଁ ରାଜ୍ୟ ପ୍ରଶାସନ ୧.୧୬ କୋଟି ଟଙ୍କାର ରିକଭରି ନୋଟିସ୍ ଜାରି କରିଛି ବୋଲି ସରକାର ସୂଚନା ଦେଇଛନ୍ତି। ତେବେ କାରଖାନା ମାଲିକମାନଙ୍କ ଦ୍ୱାରା ପ୍ରତି ସ୍ତରରେ ଶ୍ରମିକ ମାନଙ୍କପ୍ରତି କରାଯାଇଥିବା ଅପରାଧ ତୁଳନାରେ ଏହି ଧରଣର ସରକାରୀ ପଦକ୍ଷେପ ଅତ୍ୟନ୍ତ ନଗଣ୍ୟ ହାଲୁକା ଓ ଲୋକ ଦେଖାଣିଆ। ତେବେ, ଏହି କାର୍ଯ୍ୟାନୁଷ୍ଠାନ ଅତିକମରେ ଏହି ଶିଳ୍ପାଂଚଳରେ ଚାଲିଥିବା ନିର୍ଦ୍ଧାରିତ ନିୟମାବଳୀର ବ୍ୟାପକ ଉଲ୍ଲଂଘନକୁ ପଦାରେ ପକାଇ ଦେଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆନ୍ଦୋଳନର ଚାପରେ ରାଜ୍ୟ ସରକାର ସର୍ବନିମ୍ନ ମଜୁରି ଶତକଡା୨୦-୨୧ ଭାଗ ବୃଦ୍ଧି କରିବାକୁ ବାଧ୍ୟ ହୋଇଛନ୍ତି।

### ବେଦାନ୍ତ ଥର୍ମାଲ ପାୱାର ପ୍ଲାଣ୍ଟ ବିସ୍ଫୋରଣ ପୃଷ୍ଠଭୂମିରେ ନୋଏଡା ଆନ୍ଦୋଳନ

କର୍ମକ୍ଷେତ୍ରରେ ଉପଯୁକ୍ତ ସୁରକ୍ଷା ଓ ଅନ୍ୟାନ୍ୟ ଦାବିରେ ନୋଏଡାରେ ଶ୍ରମିକ ଆନ୍ଦୋଳନ ଚାଲିଥିଲା ବେଳେ ଛତିଶଗଡ଼ରେ ବେଦାନ୍ତ ପାୱାର ପ୍ଲାଣ୍ଟରେ ଏକ ଭୟାବହ ବିସ୍ଫୋରଣ ଘଟିଛି। ଛତିଶଗଡ଼ର ସାକତି ଜିଲ୍ଲା ସିଙ୍ଘିତରାଇ ସ୍ଥିତ ବେଦାନ୍ତ ଥର୍ମାଲ ପାୱାର ପ୍ଲାଣ୍ଟରେ ଏକ ବଏଲର ବିସ୍ଫୋରଣରେ ନିକଟରେ କୋଡିଏରୁ ଅଧିକ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଓ ଶହ ଶହ ଶ୍ରମିକ ଗୁରୁତର ଭାବରେ ଆହତ ହୋଇଛନ୍ତି। ବର୍ତ୍ତମାନ ସ୍ପଷ୍ଟ ହୋଇଛି ଯେ ଏହି ପ୍ଲାଣ୍ଟରେ ସୁରକ୍ଷା ଆଇନ କାର୍ଯ୍ୟକାରୀ କରାଯାଉନଥିବା ପାଇଁ ହିଁ ଏହି ଦୁର୍ଘଟଣା ଘଟିଥିବା କଥା ଶ୍ରମ ବିଭାଗ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି। ନିୟମ ଅନୁଯାୟୀ ଶ୍ରମ ଅଧିକାରୀମାନେ କାରଖାନାର ସୁରକ୍ଷା ବ୍ୟବସ୍ଥାର ନିୟମିତ ଯାଂଚ କରିବା କଥା। ମାତ୍ର ତାହା କରାଯାଇ ନାହିଁ। ପୁରୁଣା ଶ୍ରମ ଆଇନ ଗୁଡିକୁ ଉଚ୍ଛେଦ କରି ଚାରୋଟି ଶ୍ରମିକ-ବିରୋଧୀ ଶ୍ରମ କୋଡ୍ ପ୍ରଣୟନ ହେବା ପରେ, ଆଇନଗତ ନିର୍ଦ୍ଦେଶାବଳୀର ଅନୁପାଳନ ଆହୁରି ଶିଥିଳ ହୋଇଛି। ସୁରକ୍ଷା ବ୍ୟବସ୍ଥାର ଯାଂଚ କେବଳ ଏକ ଔପଚାରିକତାରେ ସୀମିତ ହୋଇ ରହିଯାଇଛି। ଏହାର ସୁଯୋଗ ନେଇ ନିଯୁକ୍ତିଦାତା ବା ମାଲିକମାନେ ଶ୍ରମିକମାନଙ୍କ ଜୀବନକୁ ଅଧିକ ବିପଦ ମଧ୍ୟକୁ ଠେଲି ଦେଉଛନ୍ତି। ଫଳସ୍ୱରୂପ, ବୃହତ ଶିଳ୍ପ କାରଖାନା, ରାସାୟନିକ ଶିଳ୍ପ, ଥର୍ମାଲ ପାୱାର ପ୍ଲାଣ୍ଟଠାରୁ ଆରମ୍ଭ କରି ବେଆଇନ ବାଣ କାରଖାନା ପର୍ଯ୍ୟନ୍ତ ସବୁଠି ଶ୍ରମିକମାନଙ୍କ ସୁରକ୍ଷା ଅତ୍ୟନ୍ତ ବିପନ୍ନ ହୋଇପଡ଼ିଛି।

ଏଠାରେ ଆମେ ସ୍ମରଣ କରାଇଦେବାକୁ ଆବଶ୍ୟକ ମନେ କରୁଛୁ ଯେ, ୨୦୧୮ ମସିହାରେ ତାମିଲନାଡୁର ଏକ ବନ୍ଦର ସହର ତୁତିକୋରିନର ବାସିନ୍ଦାମାନେ କ୍ରମାଗତ ଭାବେ ଅଭିଯୋଗ କରିଆସୁଥିଲେ ଯେ ସେଠାରେ ବେଦାନ୍ତ ଗ୍ରୁପ୍‌ର 'ଷ୍ଟରଲାଇଟ୍ କପର୍ ପ୍ଲାଣ୍ଟ' ବ୍ୟାପକ ପରିବେଶ ପ୍ରଦୂଷଣ ସୃଷ୍ଟି କରୁଛି, ଯେଉଁଥିରେ ବାୟୁ ପ୍ରଦୂଷଣ ଏବଂ ଭୂତଳ ଜଳ ପ୍ରଦୂଷଣ ଅନ୍ତର୍ଭୁକ୍ତ। ଏହା ସେହି ଅଂଚଳର ଲୋକଙ୍କ ପାଇଁ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛିବୋଲି ଅଭିଯୋଗ ହେଉଥିଲା। ଏହା ବିରୁଦ୍ଧରେ ଲଗାତାର ଜନ ଆନ୍ଦୋଳନ ଓ ଏହି ଆନ୍ଦୋଳନକୁ ଦମନ କରିବାପାଇଁ ପ୍ରତିବାଦକାରୀ ମାନଙ୍କ ଉପରେ ପୋଲିସର ଆଖିବୁଜା ଗୁଳି ଚାଳନା ଏକ କଳଙ୍କିତ ଅଧ୍ୟାୟ ହୋଇ ରହିଛି।ଏହି ଗୁଳିକାଣ୍ଡରେ ଅତିକମରେ ୧୩ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ହଜାରରୁ ଅଧିକ ଲୋକ ଗୁରୁତର ଭାବରେ ଆହତ ହୋଇଥିଲେ। ଶେଷରେ ସରକାର କାରଖାନା ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ। ତେବେବି ବେଦାନ୍ତ ଗ୍ରୁପ୍ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଏସବୁ ବିଚ୍ଛିନ୍ନ ଘଟଣା ନୁହେଁ ୧୯୮୪ ମସିହାର ଭୋପାଳ ଗ୍ୟାସ କାଣ୍ଡ ପୀଡ଼ିତ ଙ୍କ ଦୁଃଖ ଏବେବି ଦୂର ହୋଇନାହିଁ। ଏବେବି ପୀଡ଼ିତଙ୍କ ବଂଶଧର ମାନେ ବିକଳାଙ୍ଗ ଶିଶୁ ଜନ୍ମ ଦେଉଛନ୍ତି। ସେହିଭଳି ଏହି କେତେ ବର୍ଷ ତଳେ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ କାରଖାନାର ବୟେଲର୍ ବିସ୍ଫୋରଣ ଫଳରେ କେତେ ଶ୍ରମିକ ମୃତ୍ୟୁ ବରଣ କଲେ କେତେ ଆହତ ହେଲେ ତାର କୌଣସି ହିସାବ କାହାରି ପାଖରେ ନାହିଁ। ଏହା ହେଉଛି ବହୁ ପ୍ରଚାରିତ ଅମୃତକାଳରେ ଦେଶର ଶ୍ରମିକ ମାନଙ୍କ ଅବସ୍ଥା।

### ଗଭୀର ଅନୁସନ୍ଧାନ ଶ୍ରମିକ ଶୋଷଣର ଆହୁରି ଅନ୍ଧାରୀ ଦିଗକୁ ଉଜାଗର କରୁଛି

ବର୍ତ୍ତମାନ ନ୍ୟୁନତମ ମଜୁରି ନିର୍ଦ୍ଧାରଣ ସମ୍ପର୍କରେ ଆଲୋଚନା କରାଯାଉ। ନ୍ୟୁନତମ ମଜୁରିର ଦୁଇଟି ଦିଗ ରହିଛି। ଗୋଟିଏ ହେଉଛି ମୂଳ ଦରମା (basic pay) ଏବଂ ଦ୍ୱିତୀୟଟି ମହଙ୍ଗା ଭତ୍ତା (dearness allowance) । ସାଧାରଣତଃ ଦରଦାମ ବୃଦ୍ଧି ସହ ଖାପ ଖୁଆଇବା ପାଇଁ CPI-IW ଆଧାରରେ ବର୍ଷକୁ ଦୁଇଥର ମହଙ୍ଗା ଭତ୍ତା ସଂଶୋଧନ କରାଯାଏ । ୨୦୨୧ ଏବଂ ୨୦୨୬ ମଧ୍ୟରେ, ଶିଳ୍ପ ଶ୍ରମିକମାନଙ୍କ ପାଇଁ ଗ୍ରାହକ ମୂଲ୍ୟ ସୂଚକାଙ୍କ (CPI-IW) ପ୍ରାୟ ୨୫% ବୃଦ୍ଧି ପାଇଛି। ମହଙ୍ଗା ଭତ୍ତା (DA) ସାମାନ୍ୟ ବୃଦ୍ଧି ପାଇଥିବାବେଳେ, ମୂଳ ମଜୁରି ବର୍ଷ ବର୍ଷ ଧରି ସ୍ଥିର ରହିଛି, ଯାହା ଶ୍ରମିକମାନଙ୍କର କ୍ରୟ ଶକ୍ତିକୁ ବ୍ୟାପକ ହ୍ରାସ କରିଛି। ଏହା ସତ୍ତ୍ୱେ ମଧ୍ୟ ଅଧିକାଂଶ ରାଜ୍ୟ ସରକାର ବର୍ଷ ବର୍ଷ ଧରି ମୂଳ ଦରମା ସଂଶୋଧନ କରୁନାହାନ୍ତି । ହରିଆଣାରେ ଶେଷ ଥର ପାଇଁ ୨୦୧୫ ରେ ଏବଂ ଉତ୍ତର ପ୍ରଦେଶରେ ୨୦୧୪ ରେ ମୂଳ ଦରମା ସଂଶୋଧନ କରାଯାଇଥିଲା। ଅନ୍ତର୍ଜାତୀୟ ଶ୍ରମ ସଂଗଠନ(ILO), ଭାରତୀୟ ରିଜର୍ଭ ବ୍ୟାଙ୍କ୍ (RBI), ଅଜିମ ପ୍ରେମଜୀ ଇନଷ୍ଟିଚ୍ୟୁଟ୍ (ଷ୍ଟେଟ୍ ଅଫ୍ ୱର୍କିଂ ଇଣ୍ଡିଆ ରିପୋର୍ଟ) ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଅଧ୍ୟୟନ କଲେ ଗୋଟିଏ ଦିଗରେ ବଢ଼ି ଚାଲିଥିବା କର୍ପୋରେଟ୍ ମୁନାଫା ଏବଂ ଅନ୍ୟଦିଗରେ ଶ୍ରମିକ, ବିଶେଷ କରି ମାନୁଫାକ୍ଚରିଂ କ୍ଷେତ୍ରର ଶ୍ରମିକ ମାନଙ୍କର ସ୍ଥିର ରହିଥିବା କିମ୍ବା ଦ୍ରୁତ ହ୍ରାସ ପାଉଥିବା ପ୍ରକୃତ ମଜୁରି ମଧ୍ୟରେ ବଢୁଥିବା ବ୍ୟବଧାନ ସମ୍ପର୍କରେ ଧାରଣା କରିହେବ। ଉଲ୍ଲେଖଯୋଗ୍ୟ ୧୯୮୦ ଦଶକରେ ଶ୍ରମିକମାନଙ୍କ ମଜୁରି ମୋଟ ସଂଯୋଜିତ ମୂଲ୍ୟର (total value added) ପ୍ରାୟ ୩୦% ଥିଲା ଏବଂ କର୍ପୋରେଟ୍ ଲାଭ ଥିଲା ଶତକଡା୧୫-୨୦। ମାତ୍ର ଇତି ମଧ୍ୟରେ ଏହି ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି। ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ (MOSPI) ଦ୍ୱାରା ପ୍ରକାଶିତ ବାର୍ଷିକ ଶିଳ୍ପ ସର୍ବେକ୍ଷଣ (ASI) ୨୦୨୧-୨୦୨୪ ଦର୍ଶାଏ ଯେ କର୍ପୋରେଟ୍ ଲାଭର ଅଂଶ ଶତକଡା ୫୦ ଅତିକ୍ରମ କରିଛି, ଯେତେବେଳେ କି ମଜୁରିର ଅଂଶ ହ୍ରାସ ପାଇ ପ୍ରାୟ ଶତକଡା୧୦-୧୨କୁ ଖସି ଆସିଛି। ଯାହା ସର୍ବନିମ୍ନ ସ୍ତରରୁ ମଧ୍ୟ ଯଥେଷ୍ଟ କମ୍।

ଏହା ବ୍ୟତୀତ, ହାରାହାରି ମୁଦ୍ରାସ୍ଫୀତି ମାପୁଥିବା CPI ପ୍ରାୟତଃ ବାସଗୃହ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ଭଳି ଅତ୍ୟାବଶ୍ୟକ କ୍ଷେତ୍ରଗୁଡ଼ିକରେ ଦରଦାମ ବୃଦ୍ଧିକୁ ସଠିକ୍ ଭାବେ ଦର୍ଶାଇବାରେ ବିଫଳ ହୋଇଥାଏ। ବାସ୍ତବରେ ଶ୍ରମିକ ମାନଙ୍କର ପ୍ରକୃତ ମଜୁରି ସରକାରୀ ହିସାବ ଠାରୁ ଯଥେଷ୍ଟ ଅଧିକ ହାରରେ ହ୍ରାସ ପାଉଛି।

ବର୍ତ୍ତମାନ କର୍ମକ୍ଷେତ୍ରରେ ସୁରକ୍ଷା ପ୍ରସଙ୍ଗରେ ଆଲୋଚନା କରାଯାଉ । ଉତ୍ତର ଭାରତରେ ଏପ୍ରିଲ ମାସରେ ତାପମାତ୍ରା ୪୨ଡିଗ୍ରୀ ସେଣ୍ଟିଗ୍ରେଡ ଛୁଇଁବା ସହ, ବାଧ୍ୟତାମୂଳକ ୧୨ ଘଣ୍ଟିଆ ଶିଫ୍ଟ ଶାରୀରିକ ଭାବେ ଅସହ୍ୟ ହୋଇ ପଡୁଛି, ଶ୍ରମିକ ମାନଙ୍କ ସହିବାର ସମସ୍ତ ସୀମା ଅତିକ୍ରମ କରୁଛି। ମାଲିକମାନଙ୍କର ସର୍ବାଧିକ ଲାଭ ସୁନିଶ୍ଚିତ କରିବା ପାଇଁ ଉପାୟଶୂନ୍ୟ ଓ ବିକଳ୍ପ କର୍ମସଂସ୍ଥାନ ବିହୀନ ଶ୍ରମିକ ମାନେ ଏହିଭଳି ଅବସ୍ଥାରେ କାମ କରିବାକୁ ବାଧ୍ୟ ହେଉଛନ୍ତି। ଏହି ଶ୍ରମିକ ଶୋଷଣକୁ ଆଇନ ସମ୍ମତ କରିବାପାଇଁ ୨୯ ଟି ଶ୍ରମ ଆଇନକୁ ଉଚ୍ଛେଦ କରି ଶ୍ରମ କୋଡ ଲାଗୁ କରାଯାଇଛି। ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ମାଲିକ ମାନଙ୍କର ଶୋଷଣକୁ ସହଜ କରିବା (ease of doing business)। ନୂତନ ଶ୍ରମ କୋଡ଼ ଅନୁଯାୟୀ ୩୦୦ ଶ୍ରମିକ କାମ କରୁଥିବା କାରଖାନା ଗୁଡ଼ିକ ସରକାରଙ୍କ ଅନୁମତି ବିନା ଶ୍ରମିକମାନଙ୍କୁ ଛଟେଇ (lay off) କରିପାରିବେ। ପୂର୍ବରୁ ଏହି ସଂଖ୍ୟା ୧୦୦ ଥିଲା। ଏହା ଫଳରେ ମାଲିକ ମାନଙ୍କପାଇଁ 'ହାୟାର ଆଣ୍ଡ ଫାୟାର' (ନିଯୁକ୍ତି ଦିଅ ଏବଂ ବାହାର କର) ଅଧିକ ସୁବିଧା ଜନକ ହୋଇଚି। ଚାକିରିର ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି। ଚାକିରି ହରାଇବାର ଭୟ ପୀଡ଼ିତ ଶ୍ରମିକମାନଙ୍କ ସ୍ୱରକୁ ଚାପି ଦେଉଛି। ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିବେଶ କୋଡ (Occupational Safety, Health and Working Conditions Code) ଦୈନିକ କାର୍ଯ୍ୟ ଦିବସକୁ ୧୨ ଘଣ୍ଟା ପର୍ଯ୍ୟନ୍ତ ବୃଦ୍ଧି କରିଛି। ନୂଆ କୋଡ ଅନୁଯାୟୀ ସାପ୍ତାହିକ କାମ କରିବାର ସୀମା ୪୮ ଘଣ୍ଟା ରହିଥିଲେ ମଧ୍ୟ ପୂର୍ବରୁ କାରଖାନା ଆଇନ (Factories Act) ଅଧୀନରେ ଦୈନିକ ୮ ଘଣ୍ଟାରୁ ଅଧିକ କାମ ବେଆଇନ ଥିଲା।

### ପୁଣି ନୋଏଡ଼ା ଆନ୍ଦୋଳନ ପ୍ରସଙ୍ଗକୁ ଫେରିବା

ଉପରୋକ୍ତ ଆଲୋଚନା ପରିପ୍ରେକ୍ଷୀରେ ପୁନର୍ବାର ନୋଏଡା ଶ୍ରମିକ ଆନ୍ଦୋଳନ ଉପରେ ଆଲୋକପାତ କରାଯାଉ। ଲଢୁଆ ଶ୍ରମିକ ଆନ୍ଦୋଳନ ପରେ ଲୋକଦେଖାଣିଆ ହେଲେବି ଉତ୍ତରପ୍ରଦେଶ ସରକାର ଓ ନୋଏଡ଼ା ପ୍ରଶାସନ ଦ୍ୱାରା କାରଖାନା ମାଲିକ୍ ଏବଂ କଣ୍ଟ୍ରାକ୍ଟରମାନଙ୍କ ବିରୁଦ୍ଧରେ ନିଆଯାଇଥିବା କେତେକ କାର୍ଯ୍ୟାନୁଷ୍ଠାନ ପ୍ରମାଣ କରେ ଯେ ୨୯ଟି କେନ୍ଦ୍ରୀୟ ଶ୍ରମ ଆଇନ କୁ ଉଚ୍ଛେଦ କରି ଶ୍ରମ କୋଡ ପ୍ରବର୍ତ୍ତନ ଫଳରେ ଶ୍ରମିକ ମାନଙ୍କର ଅଧିକାର ବ୍ୟାପକ ଭାବରେ ସଙ୍କୁଚିତ ହୋଇଚି। ଶ୍ରମିକ ନେତା ମାନଙ୍କୁ 'ବାହ୍ୟ ଶକ୍ତି' ଭାବରେ ଚିତ୍ରଣ କରି ଗିରଫ କରିବା, ସଂପୃକ୍ତ ଅଂଚଳକୁ ସେମାନଙ୍କ ପ୍ରବେଶକୁ ବେଆଇନ ଘୋଷଣା କରିବାର ଅଧିକାର ପ୍ରଶାସନକୁ ଦେଇଛି।

ଯଦିଓ ମଜୁରି କୋଡ ମଜୁରି କ୍ଷେତ୍ରରେ ଆନ୍ତଃ-ରାଜ୍ୟ ବ୍ୟବଧାନକୁ ରୋକିବା ପାଇଁ ଏକ 'ଜାତୀୟ ମଜୁରି ଚଟାଣ' (National Floor Wage) ବ୍ୟବସ୍ଥା କରିଛି ମାତ୍ର ଯେଉଁ ସର୍ବନିମ୍ନ ମଜୁରି ( floor wage) ସ୍ଥିର କରିଛି ତାହା ଅତ୍ୟନ୍ତ କମ୍। ନୋଏଡ଼ାର କାରଖାନା ଗୁଡ଼ିକରେ ଶତକଡ଼ା ୮୦ ଭାଗରୁ ଅଧିକ ଶ୍ରମିକ ଚୁକ୍ତିଭିତ୍ତିକ କିମ୍ବା ଅଣସଂଗଠିତ। ଏହି ନୂତନ କୋଡ ସେମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବ ବୋଲି କୁହାଯାଇଛି କିନ୍ତୁ ତାହା କେବଳ କାଗଜପତ୍ରରେ ସୀମିତ ହୋଇ ରହିଛି, ଯାହା ଫଳରେ ସେଠିକାର ହଜାର ହଜାର ଶ୍ରମିକ ସର୍ବନିମ୍ନ ସୁବିଧାରୁ ବଂଚିତ ହେଉଛନ୍ତି।

ଶ୍ରମ କୋଡରେ ଶ୍ରମ 'ଇନ୍ସପେକ୍ଟର' ଙ୍କୁ 'ଫାସିଲିଟେଟର'ରେ ପରିଣତ କରାଯାଇଛି। ଫଳରେ ସର୍ବନିମ୍ନ ସୁବିଧାରୁ ଶ୍ରମିକ ମାନଙ୍କୁ ବଂଚିତ କରିବା ମାଲିକ୍ ମାନଙ୍କ ପକ୍ଷରେ ଆହୁରି ସୁବିଧାଜନକ ହୋଇଛି। ଶ୍ରମିକମାନଙ୍କ ଦାବି ଅନୁଯାୟୀ ସେମାନଙ୍କ ପାଇଁ ବିଶୁଦ୍ଧ ପିଇବା ପାଣି, ଦୁଇଗୁଣ ହାରରେ ଓଭରଟାଇମ୍ ପ୍ରଦାନ ଏବଂ ସାପ୍ତାହିକ ଛୁଟି ଭଳି ମୂଳ ସୁବିଧାଗୁଡ଼ିକୁ ନିୟମିତ ଭାବେ ଅଣଦେଖା କରାଯାଉଛି, କାରଣ ପୂର୍ବରୁ ଯାହାବି ସାମାନ୍ୟ ଥିଲା, ଆଉ 'ଆଇନର ଭୟ' ନାହିଁ।

### ଶୋଷିତ ଶ୍ରମିକ ଜାଗି ଉଠିଛି :

ନୂତନ ଶ୍ରମ କୋଡ ଗୁଡ଼ିକ କାରଖାନାରେ ଧର୍ମଘଟ କରିବା ପୂର୍ବରୁ ୬୦ ଦିନର ନୋଟିସ୍ ଅବଧି ବାଧ୍ୟତାମୂଳକ କରିଛି ଏବଂ ମଧ୍ୟସ୍ଥତା ପ୍ରକ୍ରିୟା ଚାଲିଥିବା ସମୟରେ ଧର୍ମଘଟକୁ ନିଷେଧ କରିଚି। ଏହା ଫଳରେ ଧର୍ମଘଟ କରିବା ଶ୍ରମିକ ମାନଙ୍କ ପକ୍ଷରେ କାର୍ଯ୍ୟତଃ ଅସମ୍ଭବ ହୋଇପଡ଼ିଛି। କିନ୍ତୁ ଏହା କ'ଣ ପ୍ରକୃତରେ ଶ୍ରମିକମାନଙ୍କୁ ପ୍ରତିବାଦ କରିବାରୁ ରୋକିପାରିବ ? ଏହା କଣ ନୋଏଡାର ଶ୍ରମିକ ମାନଙ୍କୁ ଆନ୍ଦୋଳନରୁ ନିବୃତ୍ତ କରିପାରିଲା ?

*(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)*

# ରାଜ୍ୟର ବିଭିନ୍ନ ସ୍ଥାନରେ ଏଆଇୟୁଟିୟୁସି ପକ୍ଷରୁ ମଇ ଦିବସ ପାଳିତ













ଆନ୍ତର୍ଜାତିକ ଶ୍ରମିକ ଦିବସର ୧୪୦ତମ ବାର୍ଷିକୀ ଉପଲକ୍ଷେ ଏଆଇୟୁଟିୟୁସି ପକ୍ଷରୁ ଓଡିଶାର ବିଭିନ୍ନ ସ୍ଥାନରେ ଶ୍ରମିକ ଶ୍ରେଣୀର ରକ୍ତ ପତାକା ଉତ୍ତୋଳନ, ସଭା, ସମାବେଶ, ଶୋଭାଯାତ୍ରାମାନ ଅନୁଷ୍ଠିତ ହୋଇ ଯାଇଛି। କୋରାପୁଟ ଜିଲ୍ଲାର ବୈପାରୀଗୁଡାଠାରେ ଶ୍ରମିକ ମାନଙ୍କର ଶୋଭାଯାତ୍ରା ପରେ ସଭା ହୋଇ ଥିଲା। ସମ୍ବଲପୁର ଜିଲ୍ଲାର ବାମରା ବ୍ଲକ ଅନ୍ତର୍ଗତ କୁଟାରୀମାଲ ଠାରେ ଶ୍ରମିକମାନଙ୍କର ସଭା ଅନୁଷ୍ଠିତ ହୋଇ ଥିଲା। ଖୋର୍ଦ୍ଧା ଠାରେ ଶ୍ରମିକମାନଙ୍କ ସମାବେଶ ଅନୁଷ୍ଠିତ ହୋଇ ଥିଲା। ଯାଜପୁର ଜିଲ୍ଲାର ସାରୁଆବିଲଠାରେ ଶ୍ରମିକ ସଭା ହୋଇ ଥିଲା। ଯଶିପୁରର ଅଙ୍ଗାରପଦାଠାରେ ରକ୍ତ ପାତାକା ଉତ୍ତୋଳନ କରାଯାଇଥିଲା। ରାଉରକେଲାର ୱାର୍କର୍ସ ଏଣ୍ଡ ପିଜାଣ୍ଟ୍ ହାଉସଠାରେ ରକ୍ତ ପାତାକା ଉତ୍ତୋଳନ କରାଯାଇ ଥିଲା। ଅନୁଗୁଳ ଜିଲ୍ଲାର ଶିକ୍ଷକପଡାଠାରେ ଶ୍ରମିକ ସଭା, ରେଙ୍ଗାଳିରେ ଶ୍ରମିକଙ୍କ ଶୋଭାଯାତ୍ରା, ଆମ୍ବପାଳଠାରେ ଆଲୋଚନା ସଭା ଅନୁଷ୍ଠିତ ହୋଇ ଥିଲା। ଭୁବନେଶ୍ୱର ଓ କଟକ ଠାରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନମାନଙ୍କ ମିଳିତ ଶୋଭାଯାତ୍ରା ଓ ସଭାରେ ଏଆଇୟୁଟିୟୁସି ପକ୍ଷରୁ ଅଂଶଗ୍ରହଣ କରାଯାଇଥିଲା। ଦୈନିକ ୮ଘଣ୍ଟା ଶ୍ରମ ଦିବସ ଦାବିରେ ମହାନ୍ ମଇ ଦିବସ ସଂଗ୍ରାମର ଐତିହାସିକ ତାତ୍ପର୍ଯ୍ୟ ସଂପର୍କରେ ଏହି କାର୍ଯ୍ୟକ୍ରମଗୁଡ଼ିକରେ ଆଲୋଚନା କରାଯାଇ ଥିଲା। ଦୈନିକ ଶ୍ରମ ଦିବସର ସମୟ ୮ ଘଣ୍ଟାକୁ ବୃଦ୍ଧି କରି ୧୨ ଘଣ୍ଟା କରିବା ପାଇଁ ମାଲିକ ଶ୍ରେଣୀ ଓ ସରକାରଙ୍କ ଚକ୍ରାନ୍ତ ବିରୁଦ୍ଧରେ ଶକ୍ତିଶାଳୀ ଶ୍ରମିକ ଆନ୍ଦୋଳନ ସଙ୍ଗଠିତ କରିବା ସଂଗେ ଶୋଷଣମୂଳକ ସମାଜ ବ୍ୟବସ୍ଥା ଉଚ୍ଛେଦର ଲଢେଇକୁ ଆଗେଇ ନେବାକୁ ଆହ୍ୱାନ ଦିଆଯାଇଥିଲା।










## ରାଜସ୍ଥାନରେ ଗଣଧର୍ଷିତା ଦୁଇ ଭଉଣୀଙ୍କ ଆତ୍ମହତ୍ୟା ଘଟଣାର ପ୍ରତିବାଦରେ ଏସୟୁସିଆଇ(କମ୍ୟୁନିଷ୍ଟ) ବିକ୍ଷୋଭ




ଦେଶର ଅନ୍ୟତମ ବିଜେପି ଶାସିତ ରାଜ୍ୟ ରାଜସ୍ଥାନରେ ସରକାରୀ ଦଳର ମଦତପୃଷ୍ଠରେ କେତେକ ଅପରାଧୀ ନିରୀହ ଦୁଇ ଭଉଣୀଙ୍କ ଉପରେ ଦିର୍ଘ ୪ ବର୍ଷ ଧରି ଗଣ ଧର୍ଷଣ କରି ଚାଲିଥିଲେ ଓ ଏହା ବିରୁଦ୍ଧରେ ସ୍ଥାନୀୟ ପୋଲିସ ଠୁଁ ଆରମ୍ଭ କରି ଜିଲ୍ଲା ଏସ୍‌ପି ପର୍ଯ୍ୟନ୍ତ ଗୁହାରି କରି ଥିଲେ ବି କେହି କର୍ଣ୍ଣପାତ କରି ନ ଥିଲେ। ଶେଷରେ ସେହି ଦୁଇ ଭଉଣୀ, ଜଣଙ୍କ ପରେ ଜଣେ ଆତ୍ମ ହତ୍ୟା କରିବା ପାଇଁ ବାଧ ହୋଇଥିଲେ। ଏହି ବର୍ବର ଘଟଣାର ପ୍ରତିବାଦରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଆହ୍ୱାନରେ, ଗତ ମଇ ୨୦ ତାରିଖ ଦିନ ପ୍ରତିବାଦ ଦିବସ ପାଳିତ ହୋଇଛି। ପାର୍ଟି ଡାକରାରେ ପୁରୀ, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଯାଜପୁର, ଯଶିପୁର, ବଲାଙ୍ଗୀର ସମେତ ଆହୁରି ଅନେକ ସ୍ଥାନରେ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି।

## ଭିବିଜି ରାମଜି ସ୍କିମରେ କାର୍ଯ୍ୟରତ ଶ୍ରମିକମାନଙ୍କର ବିକ୍ଷୋଭ



ମଜୁରୀ ପାଇବାରେ ଅବ୍ୟବସ୍ଥା ଦୂରକରି ସାପ୍ତାହିକ ମଜୁରୀ ପ୍ରଦାନ କରିବା, ଉପସ୍ଥାନ ସମୟରେ ଫେସ ମ୍ୟାପିଙ୍ଗ ବାତିଲ କରି ମ୍ୟୁଚୁଆଲ ବ୍ୟବସ୍ଥା ପୁନଃ ଚାଲୁ କରିବା, ବନ୍ଦ ହୋଇଥିବା କାମ ତୁରନ୍ତ ଆରମ୍ଭ କରିବା, ବର୍ଷକୁ ୩୬୫ ଦିନ କାମ ଯୋଗାଇଦେବା, ବକେୟା ରହିଥିବା ମଜୁରୀ ତୁରନ୍ତ ପ୍ରଦାନ କରିବା ଆଦି ଦାବିରେ ଏପ୍ରିଲ ୧୬ ତାରିଖରେ ଭିବିଜିରାମଜି ଶ୍ରମିକ ସଂଘ ବେଲପଡା ବ୍ଲକ କମିଟି ଉଦ୍ୟୋଗରେ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା ଏବଂ ଅତିରିକ୍ତ ବିଡ଼ିଓଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ବିକ୍ଷୋଭ ସଭାରେ କମିଟିର ସଭାପତି ଫକୀର ଲୁହା, ସମ୍ପାଦକ ଭୀମ କୁଅଁର, ଗୁଲାପି ମଲ୍ଲିକ, ଲରିନ ଧରୁଆ, କମିଟିର ଉପଦେଷ୍ଟା ତଥା ଏସୟୁସିଆଇ(କମ୍ୟୁନିଷ୍ଟ)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ଅଶୋକ ମିଶ୍ର, ଦଳର ସଂଗଠକ କମ୍ରେଡ୍ ମଧୁସୁଦନ ବାଗ, ତାମସ କୁମାର ବେହେରା ବକ୍ତବ୍ୟ ରଖିଥିଲେ।

## ଛାତ୍ର ସ୍ୱାର୍ଥ ବିରୋଧୀ ଆଦର୍ଶ ଆଚରଣବିଧି ପ୍ରତ୍ୟାହାର ଓ ଛାତ୍ର ସଂସଦ ନିର୍ବାଚନ ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ଛାତ୍ର କନ୍‌ଭେନସନ୍ ଓ ବିକ୍ଷୋଭ




ଅଗଣତାନ୍ତ୍ରିକ ତଥା ଛାତ୍ର ବିରୋଧୀ ଆଦର୍ଶ ଆଚରଣ ବିଧି ପ୍ରତ୍ୟାହାର କରିବା, କ୍ୟାମ୍ପସ ମଧ୍ୟରେ ସୁସ୍ଥ ଶୈକ୍ଷିକ ଓ ଗଣତାନ୍ତ୍ରିକ ପରିବେଶ ରକ୍ଷା କରିବା ଏବଂ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଘୋଷଣା କରିବା ଦାବିରେ ମାର୍ଚ୍ଚ ୫ ତାରିଖ ଦିନ ଏଆଇଡିଏସଓ ପକ୍ଷରୁ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିରରେ ଏକ ଛାତ୍ର କନଭେନସନ୍ ଅନୁଷ୍ଠିତ ହୋଇଯାଇଛି । ଏହି କନଭେନସନ୍ ରାଜ୍ୟ ସଭାପତି କମ୍ରେଡ୍ ସୋମନାଥ ବେହେରା, ଉପ-ସଭାପତି ଭାଗ୍ୟରବି ଦାସ, ନିରୁପମା ବେହେରା ଏବଂ ସୁନିଲ ଭୋଇଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲା । ସଂପାଦକ ମଣ୍ଡଳୀ ସଦସ୍ୟ ତରୁଣସେନ ନାୟକ ଛାତ୍ର କନଭେନସନ୍‌ର ଭିତ୍ତି ପତ୍ର ପାଠ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ. ବିରେନ୍ଦ୍ର ନାୟକ, ସାରା ଭାରତ ଶିକ୍ଷା ବଂଚାଅ କମିଟି ଓଡ଼ିଶା ରାଜ୍ୟ ସମ୍ପାଦକ ସୁବାସ ନାୟକ ଅତିଥି ବକ୍ତା ଭାବେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବାମପନ୍ଥୀ ଛାତ୍ର ସଙ୍ଗଠନର ନିମନ୍ତ୍ରିତ ରାଜ୍ୟ ନେତୃତ୍ୱ ଏଆଇଏସଏଫ ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କମ୍ରେଡ୍ ପପୁ ରାଉତ, ଏଆଇଏସବି ପକ୍ଷରୁ ଛାତ୍ର ନେତ୍ରୀ ରିଙ୍କି ସାହୁ ପ୍ରମୁଖ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ ଆଗାମୀ ଦିନର କାର୍ଯ୍ୟକ୍ରମ ଘୋଷଣା କରିବା ସହ ଛାତ୍ର ଆନ୍ଦୋଳନର ଆହ୍ୱାନ ଦେଇଥିଲେ । ଛାତ୍ର କନ୍‌ଭେନ୍‌ସନର ଭିତ୍ତି ପତ୍ର ସମର୍ଥନରେ ରାଜ୍ୟ ଅଫିସ ସମ୍ପାଦକ ନସିମ ସରକାର, ମଧୁସୁଦନ ବାଗ, ବିନୋଦ ସେଠୀ, ପପୁନ ସାହୁ, କିଶାନ ସାହୁଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ର ପ୍ରତିନିଧି ମାନେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବକ୍ତାମାନେ ନିଜର ବକ୍ତବ୍ୟରେ କହିଥିଲେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କ୍ୟାଂପସ ମଧ୍ୟରେ ସଭା, ଆନ୍ଦୋଳନ ବା ହରତାଳ ନକରିବା ପାଇଁ ଜାରି କରାଯାଇଥିବା ନୋଟିସ୍ ଏକ ଚରମ ଅଗଣତାନ୍ତ୍ରିକ ପଦକ୍ଷେପ । ଏହା ୧୯୦୫ ମସିହାରେ ଇଂରେଜ ସରକାରଙ୍କ ଦ୍ୱାରା ବଙ୍ଗ ଭଙ୍ଗ ଆନ୍ଦୋଳନକୁ ଦବାଇବା ପାଇଁ ଅଣାଯାଇଥିବା 'ଆର.ଡବ୍ଲୁ କାର୍ଲାଇଲ ସର୍କୁଲାର' ର ନକଲ ମାତ୍ର। ରାଜ୍ୟ କୋଷାଧ୍ୟକ୍ଷା ସପ୍ତର୍ଷିନୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଦିନ ମାଷ୍ଟର କ୍ୟାଣ୍ଟିନ ଛକରେ ଅପରାହ୍ନରେ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହି ଛାତ୍ର ବିକ୍ଷୋଭ ସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

# ବରୀ ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ଦାବିରେ ଏଆଇକେକେଏମ୍ଏସ୍ ପକ୍ଷରୁ ଚାଷୀ ମୂଳିଆ ଧାରଣା




ବିପ୍ଳବୀ ଚାଷୀ ସଂଗଠନ ଏଆଇକେକେଏମ୍ଏସ୍ ବରୀ ବ୍ଲକ କମିଟି ପକ୍ଷରୁ ଚାଷୀ ସ୍ୱାର୍ଥ ରକ୍ଷା ନିମିତ୍ତ ତଥା କୃଷିଜାତ ଦ୍ରବ୍ୟକୁ ସଂରକ୍ଷଣ କରିବା ପାଇଁ ବରୀଠାରେ ଏକ ସରକାରୀ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ସମେତ ଅନ୍ୟାନ୍ୟ ଦାବିରେ ବରୀ ବ୍ଲକ ଅଫିସ ସମ୍ମୁଖରେ ମଇ ୧୨ ତାରିଖରେ ଗଣ ଧାରଣା ଓ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ବରୀ ବ୍ଲକ କମିଟିର ସମ୍ପାଦକ କମ୍ରେଡ କୀର୍ତ୍ତନ ବିହାରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧାରଣା କାର୍ଯ୍ୟକ୍ରମରେ ଏଆଇକେକେଏମ୍ଏସ୍‌ର ରାଜ୍ୟ ସଭାପତି କମ୍ରେଡ୍ ସଦାଶିବ ଦାସ, ସମ୍ପାଦକ କମ୍ରେଡ୍ ଅଚ୍ୟୁତ ପ୍ରଧାନ, ଜିଲ୍ଲା ସଭାପତି ଚୈତନ୍ୟ ସାହୁ ଏବଂ ଚାଷୀ ନେତା ପ୍ରଫୁଲ୍ଲ ଦାସ, କୁଳମଣି ନାୟକ, ପବିତ୍ର ସାହୁ ପ୍ରମୁଖ ବକ୍ତବ୍ୟ ରଖି ଚାଷୀମାନଙ୍କ ସ୍ୱାର୍ଥରେ ବରୀ ମାଉଣ୍ଟଠାରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ପାଇଁ ଦୃଢ଼ ଦାବି କରିଥିଲେ। ଏହାଛଡା ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସପି)ନିର୍ଦ୍ଧାରଣ କରିବା, କୃଷି ଋଣ ଛାଡ କରିବା, କୃଷି ଯନ୍ତ୍ରପାତି, ସାର ଆଦି ରିହାତି ମୂଲ୍ୟରେ ଯୋଗାଇ ଦେବା ପାଇଁ ଧାରଣାକାରୀମାନେ ଦାବି କରିଥିଲେ। ଏକ ପ୍ରତିନିଧି ଦଳ ବିଡିଓଙ୍କୁ ସାକ୍ଷାତ କରି ଦାବି ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀ ସଂଗଠକ ମଧୁସୂଦନ ମଲ୍ଲିକ, ଶତ୍ରୁଘ୍ନ ଦାସ, ବ୍ରଜକିଶୋର ଜେନା, ରମେଶ ଦାସ ଓ କୁଳମଣି ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ବୈପାରୀଗୁଡାଠାରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) କୋରାପୁଟ ଜିଲ୍ଲା ସ୍ତରୀୟ କର୍ମୀ ସଭା



ଏପ୍ରିଲ୍ ୫ ତାରିଖରେ ଏସୟୁସିଆଇ ( କମ୍ୟୁନିଷ୍ଟ) କୋରାପୁଟ ଜିଲ୍ଲା ସାଂଗଠନିକ କମିଟି ଉଦ୍ୟୋଗରେ ବୈପାରିଗୁଡ଼ା ଶହୀଦ୍ ଲକ୍ଷ୍ମଣ ନାୟକ ପାଠାଗାରରେ ଏକ ଦିବସୀୟ କର୍ମୀ ସଭା ଅନୁଷ୍ଠିତ ହୋଇଛି। ଏହି କର୍ମୀ ସଭାରେ ଏସ୍ୟୁସିଆଇ(ସି) ରାଜ୍ୟ ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ୍ ଶଙ୍କର ଦାସଗୁପ୍ତା ମୁଖ୍ୟ ଆଲୋଚକ ଭାବରେ ଯୋଗ ଦେଇଥିଲେ। ଏହି କର୍ମୀ ସଭାରେ ପାର୍ଟି ରାଜ୍ୟ ସମ୍ପଦ ମଣ୍ଡଳୀ ସଦସ୍ୟ କମ୍ରେଡ ସଦାଶିବ ଦାସ, ଜିଲ୍ଲା ସମ୍ପାଦକ କମ୍ରେଡ୍ କାହ୍ନୁ ଚରଣ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖି ଥିଲେ। ଶେଷରେ ଆନ୍ତର୍ଜାତିକ ସଙ୍ଗୀତ ଗାନ ପରେ କର୍ମୀ ସଭା ସମାପ୍ତ ହୋଇଥିଲା।

# ଆମକୋ-ସିମକୋ ଶହୀଦଙ୍କୁ ସଂଗ୍ରାମୀ ଶ୍ରଦ୍ଧାଞ୍ଜଳି



୧୯୩୯ ମସିହା ଏପ୍ରିଲ ୨୫ ତାରିଖର ଘଟଣା। ତତ୍କାଳୀନ ଦେଶୀୟ ରାଜ୍ୟ ଗାଙ୍ଗପୁରର (ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ପୌରପାଳିକା ନିକଟସ୍ଥ) ଆମକୋ ସିମକୋ ଗ୍ରାମରେ ଶହ ଶହ ସଂଖ୍ୟାରେ ସମବେତ ଆଦିବାସୀ ଚାଷୀମାନେ ସେମାନଙ୍କର ନେତା ନିର୍ମଳ ମୁଣ୍ଡାଙ୍କୁ ସୁରକ୍ଷା ଦେବାପାଇଁ ବଦ୍ଧ ପରିକର। ଅନ୍ୟପଟେ ଗାଙ୍ଗପୁର ରାଣୀ ଜାନକୀ ରତ୍ନ ଙ୍କ ସହିତ ଇଂରେଜ୍ ଲେଫ୍ଟନାଣ୍ଟ ଇ ଡବ୍ଲୁ ମାର୍ଗର (E W Marger) ଏବଂ ସେମାନଙ୍କ ସହିତ ଆଧୁନିକ ଅସ୍ତ୍ରଶସ୍ତ୍ର ରେ ସୁସଜ୍ଜିତ ବ୍ରିଟିଶ ଇଣ୍ଡିଆ ଫୌଜ। ଚାଷୀ ମାନଙ୍କ ଦାବି, ପୁରୁଷ ପୁରୁଷ ଧରି ରକ୍ତ ସ୍ୱେଦ ଝରାଇ ଜମି ତିଆରି କଲୁ, ଏ ମାଟି ଆମର ମା, ଆମର ଅନ୍ନଦାତ୍ରୀ, ତାକୁ ଆମଠୁ ଛଡାଇ ନେବା ଚଳିବ ନାହିଁ। ସେଦିନ ସୃଷ୍ଟି ହେଲା ଏ ଦେଶର ସ୍ୱାଧୀନତା ଆନ୍ଦୋଳନ ଇତିହାସର ଏକ ରକ୍ତିମ ଅଧ୍ୟାୟ। ବ୍ରିଟିଶ ଫୌଜ ନିରସ୍ତ୍ର ଜନତାଙ୍କ ଉପରେ ଆଖିବୁଜା ଗୁଳି ଚାଳନା କରିଥିଲା। ନିମିଷକ ମଧ୍ୟରେ ସେହି ସ୍ଥାନରେ ଟଳି ପଡିଥିଲେ ପଚାଶରୁ ଊର୍ଦ୍ଧ୍ୱ, ଆହତ ହୋଇଥିଲେ ଶତାଧିକ ଯେଉଁ ମାନଙ୍କ ମଧ୍ୟରୁ କେତେ ଜଣ ବିନା ଚିକିତ୍ସାରେ ମୃତ୍ୟୁ ମୁଖରେ ପଡିଥିଲେ। ସଂଗ୍ରାମୀ ନେତା ନିର୍ମଳ ମୁଣ୍ଡାଙ୍କ ସମେତ ଅନେକ ସଂଗ୍ରାମୀ ଗିରଫ ହେଲେ।

ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ସ୍ଥାନୀୟ ଜନ ସାଧାରଣ ଅତ୍ୟନ୍ତ ବେଦନା ଏବଂ ଗର୍ବର ସହ ସେହି ଦିବସକୁ ସ୍ମରଣ କରି ଆସୁଛନ୍ତି। ସଂଗ୍ରାମୀ ମହିଳା ସଙ୍ଗଠନ ଏଆଇଏମ୍ଏସ୍ଏସ୍, ଛାତ୍ର ସଂଗଠନ ଏଆଇଡିଏସ୍ଓ, ଯୁବ ସଂଗଠନ ଏଆଇଡିୱାଇଓ ପୂର୍ବ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ ଶହୀଦ ପୀଠରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଏବଂ ସଭା ଆୟୋଜନ କରିଥିଲେ। ଏଥିରେ ଯୁବ ନେତା ଜଷ୍ଟିନ ଲଗୁନ୍ ବୀରେନ୍ ନାୟକ, ସୁଭାଷ ଦଣ୍ଡପାଟ, ଆଲୋକ ବେହେରା, ପ୍ରକାଶ ବିଶ୍ୱାଳ ପ୍ରମୁଖ ନେତୃତ୍ୱ ଦେଇଥିଲେ। ରାଜଧାନୀ ଭୁବନେଶ୍ୱରରେ ଏଆଇଏମ୍ଏସ୍ଏସ୍ ପକ୍ଷରୁ ଏହି ଉପଲକ୍ଷେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏଆଇଏମ୍ଏସ୍ଏସ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦିକା କମ୍ରେଡ୍ ଛବି ମହାନ୍ତି, ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ, ସମ୍ପାଦିକା ସରୋଜିନୀ ନାୟକ ଏବଂ ଅନ୍ୟ ମାନଙ୍କ ମଧ୍ୟରେ ଲେଓନି ଟିର୍କୀ, ବିଦ୍ୟୁତ୍ ମହାନ୍ତ, ଶାନ୍ତି ଟାକିଏ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ଶହୀଦ ରଘୁ - ଦିବାକରଙ୍କ ଶହୀଦ ଦିବସ ପାଳିତ




ଖୋର୍ଦ୍ଧା ସ୍ଥିତ ବିଜେବି ହାଇସ୍କୁଲ ପରିସରରେ ଥିବା ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡାଙ୍କ ପ୍ରତିମୂର୍ତ୍ତିରେ ଏଆଇଡିଏସ୍ଓର ସଦସ୍ୟମାନେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ପ୍ରତିମୂର୍ତ୍ତି ସମ୍ମୁଖରେ ଆୟୋଜିତ ସ୍ମୃତି ସଭାରେ ବକ୍ତାମାନେ କହିଥିଲେ ଯେ, ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନ ସମୟରେ ଘଟିଥିବା ଐତିହାସିକ 'ବେଜେଲଗେଟ୍ ହତ୍ୟାକାଣ୍ଡ' ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଏକ ବିରଳ ତଥା ଅତୁଳନୀୟ ଘଟଣା। ବ୍ରିଟିଶ ପଲିଟିକାଲ ଏଜେଣ୍ଟ ମେଜର ବେଜେଲଗେଟ୍‌ର ଅନ୍ୟାୟ ଅତ୍ୟାଚାରର କଡ଼ା ଜବାବ ଦେଇ ଯେଉଁ ସାହସିକତାର ପରିଚୟ ଦିଆଯାଇଥିଲା ଏବଂ ସେଥିପାଇଁ ରଘୁ-ଦିବାକର ଯେପରି ହସି ହସି ଫାଶୀ ଖୁଣ୍ଟରେ ଝୁଲିପଡିଥିଲେ, ତାହା ଭାରତୀୟ ମୁକ୍ତି ସଂଗ୍ରାମର ଏକ ଗୌରବମୟ ଅଧ୍ୟାୟ। ଏହି କାର୍ଯ୍ୟକ୍ରମ ଏଆଇଡିଏସ୍ଓ ଖୋର୍ଦ୍ଧା ଆଂଚଳିକ କମିଟି ସଭାପତି ଶ୍ରୀକାନ୍ତ ନାୟକ ଓ ସମ୍ପାଦକ ଅବିନାଶ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

# ପେଟ୍ରୋଲ, ଡିଜେଲ, ସିଏନଜି ରନ୍ଧନ ଗ୍ୟାସ ଦର ବୃଦ୍ଧି ବିରୁଦ୍ଧରେ ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ




ଆନ୍ତର୍ଜାତୀୟ ତୈଳ ସଙ୍କଟ ଆଳରେ ଗତ ୩ ଦିନଧରି କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ସମଗ୍ର ଦେଶରେ ତେଲ ଟାଙ୍କି ମାନଙ୍କରେ ପରିକଳ୍ପିତ ଭାବରେ ଅଚଳାବସ୍ଥା ସୃଷ୍ଟି କରିବାପରେ ମଇ ୧୫ ତାରିଖରେ ପେଟ୍ରୋଲ, ଡିଜେଲ ଓ ସିଏନଜି ଦରବୃଦ୍ଧି କରିଛନ୍ତି। ଏହା ପୂର୍ବରୁ ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଆଳରେ କେନ୍ଦ୍ର ସରକାର ଘରୋଇ ଓ ବ୍ୟବସାୟିକ ରନ୍ଧନ ଗ୍ୟାସ ର ମୂଲ୍ୟ ବୃଦ୍ଧି କରିଥିଲେ। ପେଟ୍ରୋଲ, ଡିଜେଲ ଓ ସିଏନଜି ଦରବୃଦ୍ଧି ଫଳରେ ବସ୍ ଭଡ଼ା, ଅଟୋ ଭଡ଼ା ସମେତ ଚାଉଳ, ଡାଲି, ତେଲ ଆଦି ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ଘଟିଛି। ଗୋଟିଏ ଦିଗରେ ସାଧାରଣ ଲୋକଙ୍କର ଚାକିରି ଯାଉଛି, ଆୟ ହ୍ରାସ ପାଉଛି, ବେକାରୀ ଉଦବେଗଜନକ ହୋଇଛି। ଅନ୍ୟଦିଗରେ ବ୍ୟାପକ ଦରବୃଦ୍ଧି ସାଧାରଣ ଲୋକଙ୍କ ପାଇଁ ବେଡି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ଏହି ଭଳି ପରିସ୍ଥିତିରେ ତୁରନ୍ତ ପେଟ୍ରୋଲ ପମ୍ପ ମାନଙ୍କରେ ପରିସ୍ଥିତି ସ୍ୱାଭାବିକ କରିବା ଓ ବର୍ଦ୍ଧିତ ପେଟ୍ରୋଲ, ଡିଜେଲ, ସିଏନଜି ଓ ରନ୍ଧନ ଗ୍ୟାସ୍‌ର ଦର ହ୍ରାସ କରିବା ଦାବିରେ ମଇ ୧୬ ତାରିଖରେ ଏସୟୁସିଆଇ(କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ,ବସନ୍ତ ନାୟକ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଇଶା ଧର, ସୌଭାଗ୍ୟ ସାମଲ, ଅକ୍ଷୟ ରାଉଳ, ଶୁଭସ୍ମିତା ସାହୁ, ଆଇନଜୀବୀ ପ୍ରତାପ ମିଶ୍ର, ସିପ୍ରା ମହାନ୍ତି, ଭାଗ୍ୟଶ୍ରୀ ପ୍ରଧାନ, ରାଜେଶ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ପୂଜା ମହାନ୍ତ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଏଆଇଏମ୍ଏସ୍ଏସ୍ ପକ୍ଷରୁ ବିକ୍ଷୋଭ



ଫେବୃଆରୀ ୫ ତାରିଖ ରାତିରେ ବିଶ୍ରା ବ୍ଲକ ଅନ୍ତର୍ଗତ ଜମବେର୍ଣ୍ଣା ଗ୍ରାମର ଦଶମ ଶ୍ରେଣୀ ଛାତ୍ରୀ ପୂଜା ମହାନ୍ତ ର ରହସ୍ୟଜନକ ମୃତ୍ୟୁ ଘଟଣାକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ଏପର୍ଯ୍ୟନ୍ତ ଅପରାଧି ମାନେ ଗିରଫ ହୋଇନାହାନ୍ତି। ଏହି ପରିପ୍ରେକ୍ଷୀରେ ଏପ୍ରିଲ ୧୦ ତାରିଖ ଦିନ ଜମବେର୍ଣ୍ଣା ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାର ନିଷ୍ପତ୍ତି ଅନୁଯାୟୀ ଏପ୍ରିଲ ୧୮ ତାରିଖରେ ରାଉରକେଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବିଶ୍ରା ବ୍ଲକର ତେତେରକେଲା ଗ୍ରାମ ପଂଚାୟତ ର ବିଭିନ୍ନ ଗ୍ରାମର ବହୁ ସଂଖ୍ୟକ ଜନସାଧାରଣ ଏବଂ ରାଉରକେଲା ସହରର ସଚେତନ ନାଗରିକ ମାନେ ସାମିଲ ହୋଇଥିଲେ। 'ନାରୀ ନିର୍ଯ୍ୟାତନା ପ୍ରତିରୋଧ କମିଟି' ପକ୍ଷରୁ ସଂଗଠିତ ଏହି ଆନ୍ଦୋଳନକୁ କମିଟିର ଆବାହିକା ତଥା ଏଆଇଏମ୍ଏସ୍ଏସ୍‌ର ସର୍ବ ଭାରତୀୟ ସାଧାରଣ ସଂପାଦିକା କମ୍ରେଡ ଛବି ମହାନ୍ତି, ସଦସ୍ୟ ବୀରେନ୍ ନାଏକ, ବିଷ୍ଣୁ ପଣ୍ଡା, ଗୁରୁମୋହନ ସିଂହ, ବିଦ୍ୟୁତ୍ ମହାନ୍ତ, ଶୁଭ୍ରାଂଶୁ ମିଶ୍ର, ବବିତା ମହାପାତ୍ର, ଲେଓନି ଟିର୍କୀ, ଗୀତାଞ୍ଜଳୀ ମହାନ୍ତି, କବିତା ମହାନ୍ତି, ୱାହିଦା ବେଗମ, ଅସୀମା ବେହେରା, ପ୍ରତିଭା ଦଣ୍ଡପାଟ, ବିଷ୍ଣୁପ୍ରିୟା ବେହେରା, ତଅପୋଇ ମଲ୍ଲିକ ତାରିଣୀ ସେଠୀ, ରେଖା କୋଠାରୀ ଏବଂ ଗ୍ରାମବାସୀଙ୍କ ତରଫରୁ ପହଲୁ ମାହାତୋ, ସୁରେଶ ମାହାତୋ, ସାବିତ୍ରୀ ମାହାତୋ, ନରେନ୍ଦ୍ର ଗୋପ, ହୁଲାସ ମାହାତୋ, ସୁଖମାନି ଓରାମ୍, ସୋମକ୍ଷ ଓରାମ୍, ମନୋଜ ମାହାତୋ ପ୍ରମୁଖ ନେତୃତ୍ୱ ଦେଇଥିଲେ।

# ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଓ 'ନିଶାମୁକ୍ତ ଓଡିଶା'ର ପ୍ରତିଶ୍ରୁତି

୨୦୨୪, ରାଜ୍ୟ ବିଧାନସଭା ଓ ସାଧାରଣ ନିର୍ବାଚନ ସମୟରେ ବିଜେପି ଦଳ ତା'ର ନିର୍ବାଚନୀ ଇସ୍ତାହାରରେ ଯେଉଁସବୁ ଚମକପ୍ରଦ ଘୋଷଣା କରି ଭୋଟ ହାତେଇବାରେ ସକ୍ଷମ ହୋଇଥିଲା, ସେଥିମଧ୍ୟରୁ ଗୋଟିଏ ହେଲା ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠିତ ହେଲେ ଓଡିଶା ମଦରୁ ସଂପୂର୍ଣ୍ଣ ମୁକ୍ତ ହେବ, ନିଶାମୁକ୍ତ ଓଡିଶା ଗଠନ ହେବ। ଗତ ସରକାରଙ୍କ ମଦନୀତି ବିରୁଦ୍ଧରେ ବିଜେପି ଖୁବ୍ ତୁମ୍ବିତୋଫାନ କରୁଥିଲା। ୨୦୨୧ ମସିହାରେ ବିଜେଡି ସରକାରଙ୍କ ମଦନୀତି ବିରୁଦ୍ଧରେ ସେଦିନର ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ ଟ୍ୱିଟ୍ କରି କହିଥିଲେ, 'ବେଳାଭୂମିରେ ଠିପି ଖୋଲା ମଦ ଦୋକାନ ନିଷ୍ପତ୍ତି ଏକ ଜଘନ୍ୟ ଷଡଯନ୍ତ୍ର। ଏହାକୁ ସବୁମତେ ବିରୋଧ କରାଯିବ। ଦେଶର ସବୁଠାରୁ ସୁନ୍ଦର ଓ ଚର୍ଚ୍ଚିତ ବେଳାଭୂମିର ସୌନ୍ଦର୍ଯ୍ୟ ପାଇଁ ତ କିଛି କରିପାରି ନାହାନ୍ତି। ଏଠି ଅପସଭ୍ୟତାର ନଗ୍ନ ନାଚ କରିବାକୁ ଏବଂ ଅପରାଧ ବଢାଇବାକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏ ଜାତି ଏକାଠି ହୋଇ ସରକାରଙ୍କ ଏ ନିଷ୍ପତ୍ତିକୁ ବିରୋଧ କରିବ।'

ଏହାର ୩ବର୍ଷ ପରେ, ୨୦୨୪ ବିଧାନସଭା ନିର୍ବାଚନରେ ଜୟଲାଭ କରି ବିଜେପି ଦଳ ରାଜ୍ୟରେ ଏକକ ଭାବେ ସରକାର ପ୍ରତିଷ୍ଠା କଲା। ମଦ ବିରୁଦ୍ଧରେ ଥିବା ଜନମତରୁ ନିର୍ବାଚନୀ ଫାଇଦା ହାସଲ କରିବାରେ ବିଜେପି ସଫଳ ହୋଇଥିଲା ଓ ଏକକ ଭାବେ ସରକାର ଗଠନ କରିବାକୁ ମଧ୍ୟ ସମର୍ଥ ହୋଇଥିଲା। ମାତ୍ର ଏହି ଦଳର ଅସଲ ମୁଖା ଖୋଲିବାରେ ବେଶୀ ସମୟ ଲାଗି ନଥିଲା। ନୂଆ ସରକାର ଗଠନର କିଛିଦିନ ପରେ ହିଁ ସେଦିନ ଟୁଇଟ କରିଥିବା ବିଜେପି ନେତା ଓ ବର୍ତ୍ତମାନର ଅବକାରୀ ମନ୍ତ୍ରୀ ସରକାରଙ୍କ ନୀତି ଗଣମାଧ୍ୟମରେ ଘୋଷଣା କରି କହିଲେ, 'ପୂର୍ବ ସରକାର ସମୟରେ ମଦରୁ ଆସୁଥିବା ୬୦୦୦କୋଟିରୁ ଅଧିକ ରାଜସ୍ୱ ହରାଇବା ସମ୍ଭବ ନୁହେଁ।' ଦେଖାଗଲା ନୂତନ ସରକାର ତାଙ୍କର ପ୍ରତିଶ୍ରୁତି ଅନୁଯାୟୀ ଗୋଟିଏ ବି କଳ କାରଖାନା ଖୋଲିପାରିଲେ ନାହିଁ, କିନ୍ତୁ ବନ୍ଦ ହୋଇଥିବା ୭୦ଟି ମଦ ଦୋକାନ ଖୋଲିଦେଲେ ଓ ବିଭିନ୍ନ ଜିଲ୍ଲାରେ ନୂତନ ମଦ ଦୋକାନ ଖୋଲିବାକୁ ଅନୁମତି ଦେଲେ। ଇତି ମଧ୍ୟରେ ଏ ସରକାରକୁ ଦୁଇବର୍ଷ ପୁରିବାକୁ ବସିଲାଣି। ଦେଖାଯାଉଛି, ଡବଲ ଇଂଜିନ୍ ସରକାରର ଆୟ ବୃଦ୍ଧି ସହିତ ମଦ ଆୟ ବି ଡବଲ ଟ୍ରିପଲ୍ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଅବକାରୀ ଟିକସରୁ ଆୟ ୧୦,୦୦୦ରୁ ଅଧିକ, ଅର୍ଥାତ୍ ୪୦୦୦ କୋଟିରୁ ବି ଅଧିକ ବୃଦ୍ଧି ପାଇଛି। ତେବେ ଆଗକୁ ଅଧିକ ମଦ ଉତ୍ପାଦନ, ମଦ ବିକ୍ରୀ ପାଇଁ ନୀତି ଓ ଯୋଜନା ପ୍ରଣୟନ ହୋଇ କାର୍ଯ୍ୟକାରୀ ହେଲାଣି। ସଂପ୍ରତି ରାଜ୍ୟ ସରକାର ଘୋଷଣା କରିଥିବା ନୂଆ ଅବକାରୀ ନୀତି ଏପ୍ରିଲ ୦୧ ତାରିଖରୁ ଲାଗୁ ହୋଇଛି। ଯଦିଓ ସରକାରୀ ଭାବେ ଏହା ୨୦୨୯ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଉଛି। ତେବେ ପରବର୍ତ୍ତୀ ନୀତି ଘୋଷଣା ନହେବା ଯାଏ ଏହାର କାର୍ଯ୍ୟକାରୀତା ରହିବ ବୋଲି ଘୋଷଣା କରାଯାଇଛି।

ଏହି ନୀତିରେ କୁହାଯାଇଛି, ହୋଟେଲ ଓ ବାରରେ ମଦ ବିକ୍ରି କରିବାକୁ ଅନୁମତି ଦିଆଯାଇପାରିବ ଓ ସରକାରୀ ଭାବେ ଏଥିନିମନ୍ତେ ନିଲାମ(ଅକ୍ସନ୍) ଡକା ହେବ। ଏଣିକି ଅବକାରୀ ଟିକସ ସହିତ ୫ପ୍ରତିଶତ ସେସ୍ ବା ନିଶାମୁକ୍ତି କେନ୍ଦ୍ର ଶୁଳ୍କ ସରକାରୀ ଅନୁମତି ପ୍ରାପ୍ତ ମଦଦୋକାନ ମାନଙ୍କୁ ଦେବାକୁ ହେବ। କହିବା ବାହୁଲ୍ୟ, ଏହି ସେସ୍ ବାବଦକୁ ଅତିରିକ୍ତ ଅର୍ଥ ଗ୍ରାହକମାନଙ୍କ ପାଖରୁ ହିଁ ଆଦାୟ ହେବ। ସରକାରଙ୍କ ନୀତି ଦେଖନ୍ତୁ ଲୋକଙ୍କୁ ମଦ ପିଆଇ ନିଶାସକ୍ତ କରାଯିବ। ପୁଣି ସେମାନଙ୍କୁ ନିଶାମୁକ୍ତ କରିବା ପାଇଁ ସେମାନଙ୍କ ପାଖରୁ ସେସ ଆଦାୟ କରାଯିବ। ଡବଲ ଇଞ୍ଜିନ ସରକାରର ଡବଲ ଶୋଷଣର କି ଚମତ୍କାର ପରିକଳ୍ପନା! ଆହୁରି ବି କୁହାଯାଇଛି, ଲୋକଙ୍କ ପାଖରୁ ଏହି ଅତିରିକ୍ତ ଟିକସ ଅର୍ଥ ଆଦାୟ ହୋଇ ସେଥିରେ ଉନ୍ନତମାନର ନିଶାମୁକ୍ତି କେନ୍ଦ୍ର ପ୍ରତିଷ୍ଠା କରାଯିବ। ଲୋକମାନଙ୍କୁ ଥଣ୍ଡା ମିଜାଜରେ ମାରିବାର ଏହି ଚାଲ ଆଗରେ ଅତୀତର ସବୁ ଚାଲ ଯେମିତି ଫିକା ପଡିଯାଇଛି।

ପୁଣି ମଦର ସହଜ ଓ ସୁଲଭ ଉପଲବ୍ଧତା ପାଇଁ ତଥା ନୂତନ ଗ୍ରାହକ ସୃଷ୍ଟି କରିବା ପାଇଁ ସରକାର ଏହି ନୀତିରେ ଆଉ ଏକ ବ୍ୟବସ୍ଥା କରିଛନ୍ତି। ତା'ହେଲା, ଏଣିକି ଟେଟ୍ରା ପ୍ୟାକରେ ୧୦୦ ମି.ଲି ପର୍ଯ୍ୟନ୍ତ ମଦ ମିଳିବ। ଟେଟ୍ରୋ ପ୍ୟାକ ଅର୍ଥ ହେଲା ମୋଟା କାଗଜର ଖୋଳ। ଯେମିତି ଫ୍ରୁଟି, ମାଜା ଆଦି ଥଣ୍ଡା ପାନୀୟ ମୋଟା କାଗଜ ଖୋଳରେ ମିଳେ, ଠିକ୍ ସେମିତି ମଦ ମିଳିବ। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ୟାକେଜିଂ କିମ୍ବା ସେଣ୍ଟ୍ରାଲ ଫୁଡ ଟେକ୍ନୋଲୋଜି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ସାର୍ଟିଫିକେଟ ମିଳିଗଲେ ଏହି ମଦ କାଳେ ଉପଯୁକ୍ତ ପାନୀୟରେ ପରିଣତ ହେବ ଓ ଏହାଦ୍ୱାରା ପରିବେଶ ପ୍ରଦୂଷଣ ରୋକି ହେବ। ଗାଲୁଆଙ୍କ ବାରବାଟୀ ଚାଷ। ଏହି ଟେଟ୍ରାପ୍ୟାକ ମଦକୁ କେତେ ଗନ୍ଧମୁକ୍ତ ତଥା ଆକର୍ଷଣୀୟ କରାଯାଇ ନୂତନ ତରୁଣ ମଦ୍ୟପ ସୃଷ୍ଟି କରାଯାଇପାରିବ ତା'ର ମାରାତ୍ମକ ପରିକଳ୍ପନା କରାଯାଇଛି। ମନ୍ତ୍ରୀ ମହୋଦୟ ପୁଣି କହିଛନ୍ତି, 'ଟେଟ୍ରା ପ୍ୟାକ ନୂଆ କଥା ନୁହେଁ, ଏହା କାଳେ ୨୦୧୪ ଅବକାରୀ ନୀତିରେ ଥିଲା'। ତେବେ ପୁରୁଣା ନୀତି ପରିବର୍ତ୍ତନ କରିବା ପାଇଁ ନୂଆ ସରକାର ଆସିଛି ବୋଲି ପରା ସେମାନେ କହୁଛନ୍ତି। ତେଣୁ ସେହି ପୁରୁଣା ନୀତିର ଉଦାହରଣ କାହିଁକି ଦିଆଯାଉଛି ? ଏ ମନ୍ତ୍ରୀ ବା ଏ ସରକାରକୁ ଏକଥା କିଏ ବା ପଚାରିବ ? ମଦ ବନ୍ଦ ପ୍ରତିଶ୍ରୁତି ଦେଇଥିବା ବିଜେପି ଦଳ ରାଜ୍ୟରେ ସରକାରୀ କ୍ଷମତାକୁ ଆସିବାର କିଛିଦିନ ପରେ ହିଁ 'ମଦ କୁଟୀର' ଯୋଜାନ ଆଣି ଏହାକୁ ଦ୍ରୁତ କାର୍ଯ୍ୟକାରୀ କଲେ। ବର୍ତ୍ତମାନର ଏହି ମଦନୀତିରେ 'ମଦ କୁଟୀର'କୁ ଆହୁରି ରଙ୍ଗୀନ ଆଲୋକ ମାଳାରେ ସଜାଇଛନ୍ତି। 'ମଦ କୁଟୀର' ଯୋଜନାର ନୀତି ହେଲା, ବେଳା ଭୂମି, ଡ୍ୟାମ୍, ହ୍ରଦ ଆଦି ପିକ୍‌ନିକ ତଥା ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳରେ ମଦର ସହଜ ସୁଲଭ ବିତରଣ। ଏ ପ୍ରସଙ୍ଗରେ ଏହି ଲେଖାରେ ପୂର୍ବରୁ ଉଲ୍ଲେଖ କରାଯାଇଥିବା ବର୍ତ୍ତମାନର ଅବକାରୀ ମନ୍ତ୍ରୀଙ୍କର ୨୦୨୧ ସମିହାର ଟୁଇଟ୍ ବିଶେଷ ଭାବେ ପ୍ରଣିଧାନ ଯୋଗ୍ୟ। ଗୋଟିଏ ମୁହଁରେ ବିଜେପି ସରକାର କହୁଛି, ଆମେ ମଦର ହୋମ ଡେଲିଭରି ବନ୍ଦ କରୁଛୁ। କିନ୍ତୁ ଲୋକେ ଯୁଆଡକୁ ବୁଲିଯିବେ, ସେଠି ତାଙ୍କ ପାଖରେ କିଭଳି ମଦ ସହଜରେ ପହଞ୍ଚାଇ ଦିଆଯିବ ତା'ର ବ୍ୟବସ୍ଥା କରୁଛନ୍ତି। କି ପ୍ରକାର ଭାଣ୍ଡାମି ବିଚାର କରନ୍ତୁ। ବର୍ତ୍ତମାନ ବେଳାଭୂମି ଓ ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ କି ପ୍ରକାର ଅପରାଧମୂଳକ ନୃଶଂସ କାର୍ଯ୍ୟ, ବିଶେଷକରି ମହିଳା ମାନଙ୍କ ଉପରେ ଦୁର୍ବ୍ୟବହାର, ଦୁଷ୍କର୍ମ, ଯୌନ ହିଂସା ଆଦି ବଢି ବଢି ଚାଲିଛି ଓ କ୍ରମବର୍ଦ୍ଧମାନ ମଦ ଓ ନିଶା କାରବାର ଏହାକୁ ବଢାଇବାରେ ମଦତ ଯୋଗାଉଛି, ତା'ତ ସମସ୍ତେ ଜାଣୁଛନ୍ତି। ଏପରିକି ସରକାର ଓ ପ୍ରଶାସନ ମଧ୍ୟ ବେଳେବେଳେ ଜନମତ ଚାପରେ ଏକଥା ସ୍ୱୀକାର କରି ବିବୃତ୍ତି ଦିଅନ୍ତି। ତା' ସତ୍ତ୍ୱେ ବି ଏହି 'ମଦ କୁଟୀର' ଯୋଜନା ଅଣାଯାଇଛି। ତା'ହେଲେ ସରକାର ନିଜେ ହିଁ ଏହି ଅପରାଧକୁ ବୃଦ୍ଧି କରାଇବା ଓ ମହିଳାମାନଙ୍କ ବିପର୍ଯ୍ୟସ୍ତ ନିରାପତ୍ତାକୁ ଆହୁରି ଭୟାବହ କରିବାକୁ ନିଜେ ଘୃଣ୍ୟ ଖେଳ ଖେଳୁ ନାହାନ୍ତି କି ? ପୁଣି ଏହି ମଦନୀତିରେ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଏବଂ ଭାରତ ପର୍ଯ୍ୟଟନ ଉନ୍ନୟନ ନିଗମ(ଆଇଟିଡିସି)କୁ ସିଧା ସଳଖ ମଦ କୁଡିଆ ଖୋଲି ମଦ ବିକିବା ବା କାହାକୁ 'ମଦ କୁଟୀର' ଖୋଲି ମଦ ବ୍ୟବସାୟ ଚଳାଇବାକୁ ଅନୁମତି ଦିଆଯାଇଛି। ଏହାର ଅର୍ଥ ହେଲା, ଏହି ଦୁଇ ନିଗମକୁ ବସ୍ତୁତଃ ମଦ ନିଗମରେ ସରକାର ପରିଣତ କରିଛନ୍ତି।

ରାଜ୍ୟର ସମସ୍ତ ଅଂଚଳରେ ମଦର ବ୍ୟାପକ ପ୍ରସାର କରିବା ପାଇଁ ବିଗତ ସରକାରମାନଙ୍କ ଅମଳରେ ଚାଲୁଥିବା ଧାରା ବିଜେପି ସରକାରରେ ଖାଲି ଅବ୍ୟାହତ ରହିଛି, ତା' ନୁହେଁ, ଆହୁରି ବ୍ୟାପକ ରୂପ ନେଇଛି। ବିଜେଡି ସରକାର ସମୟରେ ଖୋଲା ଯାଇଥିବା ମଦ ଡିପୋର ସଂଖ୍ୟା ବୃଦ୍ଧି କରାଯାଇଛି। ଓଡିଶାର ବିଭିନ୍ନ ଜିଲ୍ଲାମାନଙ୍କରେ ବିଶେଷକରି ଦାଦନ ପ୍ରବଣ ଜିଲ୍ଲାମାନଙ୍କରେ ଦେଖାଯାଉଛି, ଗାଁ ଗାଁରେ ପ୍ରଶାସନିକ ପୃଷ୍ଠପୋଷକତାରେ ଗ୍ରାମ ସଭା ଡାକି ସେହିଠାରେ ମଦ ଦୋକାନର ନିଲାମ ଡକାଯାଉଛି। ୧୦୦ରୁ ୧୫୦ ପରିବାର ଥିବା ଗ୍ରାମରେ ବି ବର୍ଷକୁ ଦୁଇ ଲକ୍ଷ, ଅଢେଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଲାମ ଡକା ଯାଉଛି। ସଂପୃକ୍ତ ମଦ ଦୋକାନୀ ଦେଇଥିବା ସେହି ଟଙ୍କାରେ ବର୍ଷକୁ ଥରେ ଦୁଇଥର ବିଭିନ୍ନ ପୂଜା, ଭୋଜି ଭାତ ହୁଏ। ଗ୍ରାମ ସଭାର କିଛି ଲୋକଙ୍କର ଦସ୍ତଖତ ସମ୍ବଳିତ ଖଣ୍ଡେ ଦରଖାସ୍ତ ପାଖରେ ଥିବା ସରକାରୀ ଭାଟିରେ ପହଂଚିଲେ, ଭାଟି ମାଲିକ ଯେତେ ଇଚ୍ଛା ମଦ ଯୋଗାଇ ଦିଏ। ଏହି ମଦବିକ୍ରୀ ଆଇନସମ୍ମତ ହୋଇଯାଏ। ଏହିଭଳି ଭାବେ ମଦ ପ୍ରସାରରେ ସାଧାରଣ ଲୋକଙ୍କୁ ଜଡିତ କରାଯାଇ ମଦ ବିରୋଧୀ ଆନ୍ଦୋଳନରୁ ଜନସାଧାରଣଙ୍କୁ ଦୂରେଇ ରଖିବାର ଷଡଯନ୍ତ୍ର ହୋଇଛି।। କହିବା ବାହୁଲ୍ୟ, ସ୍ଥାନୀୟରୁ ଉପର ସ୍ତର ଯାଏ ନେତା, ମନ୍ତ୍ରୀ, ଅଫିସର, ପୋଲିସ ଏଥିରେ ବେଶ ଦୁଇପଇସା ରୋଜଗାର କରନ୍ତି। ସର୍ବନାଶ ସାଧାରଣ ଲୋକଙ୍କର ହୁଏ।

ଏହିଭଳି ଆଜି ପୁରା ରାଜ୍ୟ ମଦରେ ବୁଡି ଯିବାକୁ ବସିଛି। ଖାଲି ମଦ ନୁହେଁ, ଡ୍ରଗ୍ସ ଓ ଅନ୍ୟାନ୍ୟ ମାରାତ୍ମକ ନିଶାଦ୍ରବ୍ୟ ସହରରୁ ଦୂର ଦୂରାନ୍ତ ପଲ୍ଲୀ ଗ୍ରାମ ପର୍ଯ୍ୟନ୍ତ ବ୍ୟାପୀ ଗଲାଣି। ୨୦୧୨ ମସିହାରେ ଦିଲ୍ଲୀରେ ହୋଇଥିବା ଲୋମହର୍ଷଣକାରି ନିର୍ଭୟା ଘଟଣା ପରିପ୍ରେକ୍ଷୀରେ ଗଠିତ ହୋଇଥିବା ବର୍ମା କମିଶନର ରିପୋର୍ଟରେ ଅଛି, ଦେଶର ୯୦ ପ୍ରତିଶତରୁ ଅଧିକ ଅପରାଧମୂଳକ କାର୍ଯ୍ୟକଳାପରେ ଅପରାଧୀମାନେ ନିଶାସକ୍ତ ଥା'ନ୍ତି। ତେଣୁ ସରକାର ଯଦି ଏତାଦୃଶ ଜଘନ୍ୟ କାଣ୍ଡର ନିରାକରଣ ଚାହାନ୍ତି ତେବେ ମଦକୁ ସଂପୂର୍ଣ୍ଣ ବନ୍ଦ କରିବାକୁ ହେବ। ଏଥି ସହିତ ଅନ୍ୟାନ୍ୟ କିଛି ସୁପାରିସ ମଧ୍ୟ ଥିଲା। ସମସ୍ତ ସରକାର ଜଷ୍ଟିସ ବର୍ମାଙ୍କର ସୁପାରିଶ ସମ୍ବଳିତ ଦସ୍ତାବିଜକୁ ଡଷ୍ଟବିନ୍‌ରେ ଯେ ଫିଙ୍ଗି ଦେଇଛନ୍ତି, ତା' ବାସ୍ତବତା ହିଁ କହୁଛି। ଓଡିଶା ରାଜ୍ୟକୁ ଦେଶର ଏକ ନମ୍ବର ରାଜ୍ୟ କରିଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ପାଖରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ତଥା ବିଜେପି ଦଳର ନେତାମାନେ ତୁମ୍ବିତୋଫାନ କରନ୍ତି, ଅବଶ୍ୟ ନିର୍ବାଚନବେଳେ ସବୁ ରାଜ୍ୟକୁ ଏକ ନମ୍ବର କରିବା କଥା କୁହନ୍ତି। ତେବେ ଆଜି ରାଜ୍ୟ ଅପରାଧ, ହିଂସା, ନାରୀ ନିର୍ଯ୍ୟାତନା, ହତ୍ୟା, ଧର୍ଷଣ ଆଦି କାର୍ଯ୍ୟରେ ଦେଶର ନମ୍ବର ୱାନ ହୋଇଯାଇଛି। ମଦ ବିକ୍ରିରେ ୧ ନମ୍ବର ହେବାକୁ ବେଶୀ ଦିନ ନ ଲାଗିପାରେ, ଏକଥା ଖୋଦ ସରକାରଙ୍କ ଅପରାଧ ବ୍ୟୁରୋ କହୁଛି। ପ୍ରତିଦିନ ନିଶାସକ୍ତ ଲୋକଙ୍କର ପୈଶାଚିକ କାଣ୍ଡ ଦେହ ଥରାଇ ଦେଉଛି। ମଦ ନିଶାରେ ପୁଅ ହାତରେ ମା'ର, ବାପାର ସ୍ୱାମୀ ହାତରେ ସ୍ତ୍ରୀ ତ କେବେ ଆତ୍ମୀୟଙ୍କ ହାତରେ ଆତ୍ମୀୟର ଜଘନ୍ୟ ହତ୍ୟା ତଥା ସଂଗଠିତ ଅପରାଧ, ଗଣଧର୍ଷଣ ଆଦି କେତେ ନୃଶଂସ କାଣ୍ଡ ଘଟିଚାଲିଛି। ପରିବାର ଛାରଖାର ହୋଇଯାଉଛି। କିନ୍ତୁ ସରକାର କହୁଛନ୍ତି, ଆମର ଟଙ୍କା ଦରକାର, ଲୋକେ ପଛେ ମରନ୍ତୁ। ଏ ଯୁକ୍ତି ଆଜିର ନୁହେଁ, ସେହି ଇଂରେଜ ଅମଳର ଯୁକ୍ତି। ଆମ ଦେଶର ସ୍ୱାଧୀନତା ଆନ୍ଦୋଳନର ମହାନ ସଂଗ୍ରାମୀ ଓ ମନିଷୀମାନେ ସ୍ୱାଧୀନତା ଆନ୍ଦୋଳନ ସହିତ ନିଶାମୁକ୍ତି ଆନ୍ଦୋଳନକୁ ମଧ୍ୟ ଯୁକ୍ତ କରିଥିଲେ। ଏହି ରାଜ୍ୟରେ ୧୨ବର୍ଷ, ୧୦ବର୍ଷର ପିଲାମାନଙ୍କୁ ନେଇ ବାନର ସେନା ଗଠନ ହୋଇଥିଲା। ସେମାନେ ମଦ ଦୋକାନ ସମ୍ମୁଖରେ ପିକେଟିଂ କରୁଥିଲେ। ପୋଲିସ ସେମାନଙ୍କୁ ପିଟି ପିଟି ରକ୍ତାକ୍ତ କରି ଦେଉଥିଲା। ମାଳତୀ ଚୌଧୁରୀ, ରମା ଦେବୀ, ସାରଳା ଦେବୀଙ୍କ ଭଳି ନେତ୍ରୀମାନେ ଏହି ପିଲାମାନଙ୍କୁ କୋଳରେ ଧରି ସେବା ଶୁଶ୍ରୁଷା କରୁଥିଲେ। ନିଶା ନିବାରଣ ପାଇଁ କେତେ ସଂଗୀତ ରଚନା ହୋଇଛି। ଗୀତ ଗାଇ ଗାଇ ସଂଗ୍ରାମୀମାନେ ଜନସଚେତନତ ସୃଷ୍ଟି କରିଛନ୍ତି। ସରକାର ବିରୁଦ୍ଧରେ ଲଢିଛନ୍ତି। ଓଡିଶାର ଏହି ସଂଗ୍ରାମୀ ଇତିହାସ ଆଜି ତ ଭୁଲାଇ ଦେବାର ଯୋଜନାବଦ୍ଧ ଷଡଯନ୍ତ୍ର ଚାଲିଛି। ଓଡିଆ ଅସ୍ମିତାର କଥା କହି ସରକାରକୁ ଆସିଥିବା ବିଜେପି ସରକାର ଯେ, ଏହି ଇତିହାସକୁ ବିଲୋପ କରି ଦେବାର ନୀତି କାର୍ଯ୍ୟକାରୀ କରୁଛି, ତା' ଆଜି ସ୍ପଷ୍ଟ ହେବାରେ ଲାଗିଲାଣି। ଜନସାଧାରଣଙ୍କ ନୈତିକ ମେରୁଦଣ୍ଡକୁ ଭାଙ୍ଗି ଦେବା, ଲୋକମାନଙ୍କୁ ନିଶାସକ୍ତ ପାଗଳରେ

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

# କମ୍ରେଡ ମୋହନ ଚରଣ ଦେହୁରୀଙ୍କ ସ୍ମୃତି ସଭା




ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ଅନୁଗୋଳ-୨ ଆଂଚଳିକ କମିଟିର ସଭ୍ୟ କମ୍ରେଡ ମୋହନ ଚରଣ ଦେହୁରୀ ୨୦୨୬ ମଇ ୬ ତାରିଖରେ ୬୩ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମଇ ୧୫ ତାରିଖରେ କମ୍ରେଡ୍ ଦେହୁରୀଙ୍କ ସ୍ମୃତି ସଭା ଅନୁଗୁଳ ପାର୍ଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ପାର୍ଟି ଅନୁଗୁଳ ଜିଲ୍ଲା ସଂପାଦକ କମ୍ରେଡ୍ ଭିକାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ଅଶୋକ ମିଶ୍ର, ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ନିରାକାର ପଣ୍ଡା, ଜିଲ୍ଲା କମିଟି ସଦସ୍ୟ କମ୍ରେଡ୍ ନବକିଶୋର ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଳ, ମନ୍ଦୋଦରୀ ରାଉଳ ପ୍ରମୁଖ କମ୍ରେଡ୍ ଦେହୁରୀଙ୍କ ସ୍ମୃତିଚାରଣ କରିଥିଲେ। ସଭାର ଆରମ୍ଭରେ କମ୍ରେଡ୍ ଦେହୁରୀଙ୍କ ଫଟୋରେ ମାଲ୍ୟାର୍ପଣ ପରେ ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ଜୟସେନ ମେହେର ତାଙ୍କ ଉପରେ ଜିଲ୍ଲା କମିଟିର ଶୋକବର୍ତ୍ତା ପାଠ କରିଥିଲେ। ସର୍ବହରାର ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କ ସ୍ମୃତିରେ ରଚିତ ସଂଗୀତ ପରିବେଷଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।

୧୯୮୪ ମସିହାରୁ ପାର୍ଟି ସହିତ ଯୁକ୍ତ ହେବା ଦିନଠାରୁ ଜୀବନର ଶେଷଦିନ ପର୍ଯ୍ୟନ୍ତ କମ୍ରେଡ ଦେହୁରୀ ପାର୍ଟି ସହିତ ଘନିଷ୍ଠ ଭାବରେ ଯୁକ୍ତ ହୋଇ ରହିଥିଲେ। ତାଙ୍କ ଘର ସଦାସର୍ବଦା ପାର୍ଟି କର୍ମୀ ମାନଙ୍କ ପାଇଁ ଉନ୍ମୁକ୍ତ ରହିଥିଲା, ତାଙ୍କ ମୃତ୍ୟୁରେ ପାର୍ଟି ଜଣେ ମୂଲ୍ୟବାନ କର୍ମୀଙ୍କୁ ହରାଇଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆନ୍ତର୍ଜାତୀୟ ସଂଗୀତ ପରିବେଷଣ ପରେ ସଭା ସାଙ୍ଗ ହୋଇଥିଲା।

# ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପ୍ରତିବାଦରେ ଶିକ୍ଷା ବଂଚାଅ କମିଟି ପକ୍ଷରୁ ବିକ୍ଷୋଭ






ଚଳିତବର୍ଷ ନିଟ୍ ୟୁଜି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହୋଇଯିବା ଫଳରେ ପରୀକ୍ଷା ଦେଇଥିବା ୨୨ଲକ୍ଷ ୫ହଜାର ଛାତ୍ରଛାତ୍ରୀଙ୍କୁ ଯେଉଁଭଳି ହାହୁତାଶମୟ ପରିସ୍ଥିତି ଭିତରକୁ ଠେଲି ଦିଆଯାଇଛି ତାହା ବିରୋଧରେ ଆଜି ସାରା ଭାରତ ଶିକ୍ଷା ବଂଚାଅ କମିଟି ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ଓ ଜଳେଶ୍ୱର ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିକ୍ଷୋଭକାରୀ ମାନଙ୍କ ପକ୍ଷରୁ ଏହି ଘଟଣାର ଉଚ୍ଚ ସ୍ତରୀୟ ନିରପେକ୍ଷ ତଦନ୍ତ କରି ଦୋଷୀମାନଙ୍କୁ କଠୋର ଶାସ୍ତି , କ୍ଷତିଗ୍ରସ୍ତ ପରୀକ୍ଷାର୍ଥୀ ମାନଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଓ ଏହି ପରୀକ୍ଷା ପରିଚାଳନା କରୁଥିବା ଏନଟିଏକୁ ଭାଙ୍ଗି ଦେଇ ପରୀକ୍ଷାଗୁଡିକୁ ପୂର୍ବଭଳି ରାଜ୍ୟ ସ୍ତରରେ ପରିଚାଳନା ପାଇଁ ଦାବି କରାଯାଇଛି । ଭୁବନେଶ୍ୱରଠାରେ ଅନୁଷ୍ଠିତ ବିକ୍ଷୋଭରେ ସଙ୍ଗଠନର ଉପସଭାପତି ବିଶ୍ୱାବସୁ ଦାସ, ରାଜେନ୍ଦ୍ର ବର୍ମା ଓ ବବି ବଳବନ୍ତ ରାୟ ପ୍ରମୁଖ ନେତୃତ୍ୱ ନେଇଥିଲା ବେଳେ ଜଳେଶ୍ୱର ଠାରେ ଡକ୍ଟର ପ୍ରଫୁଲ୍ଲ କୁମାର ଦେ, ତ୍ରିଲୋଚନ ଦାସ ଅଧିକାରୀ, ବିଷ୍ଣୁପଦ ଦାସ ଓ କ୍ରିଷ୍ଣାରାଣୀ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

# କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ବେଲପଡା ତହସିଲ ଅଫିସ୍ ସମ୍ମୁଖରେ ବିକ୍ଷୋଭ




ଗତ ଏପ୍ରିଲ୍ ୬ ତାରିଖ ଦିନ ବେଲପଡ଼ା ବ୍ଲକର କଂସାପଲା ଗ୍ରାମ ତଥା ଆଖପାଖ ଗ୍ରାମ ଗୁଡିକରେ ପ୍ରବଳ କୁଆପଥର ବୃଷ୍ଟି ଯୋଗୁଁ ବହୁ ସଂଖ୍ୟକ ଘର ଛପର ଉଡ଼ିଯାଇଛି ,ଘର ଭାଙ୍ଗିଛି, ଚାଷ ହୋଇଥିବା ପନିପରିବା ସଂପୂର୍ଣ୍ଣ ଉଜୁଡ଼ିଯାଇଛି ଚାର,କେନ୍ଦୁ ପତ୍ର, ମହୁଲ ଧ୍ୱଂସ ହେବାରୁ ସାଧାରଣ ଲୋକଙ୍କ ଜୀବନ ଜିବୀକା ପ୍ରଭାବିତ ହୋଇଛି। ଘଟଣାର ବହୁଦିନ ପରେବି ସମସ୍ତେ ଖଣ୍ଡିଏ ପଲିଥିନ ପାଇ ନାହାନ୍ତି ଯିଏ ପାଇଛନ୍ତି ଘର ଅଧା ମଧ୍ୟ ଢାଙ୍କି ହେଉନାହିଁ। ପ୍ରଶାସନିକ ନିଷ୍କ୍ରିୟତା ଓ ଅବହେଳା ପ୍ରତିବାଦରେ ଏପ୍ରିଲ ୧୦ ତାରିଖରେ କଂସାପଲା ଗ୍ରାମବାସୀମାନେ ବେଲପଡ଼ା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନକରି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଆଇଡିୱାଇଓ ଜିଲ୍ଲା ସମ୍ପାଦକ କମ୍ରେଡ୍ ତାମସ କୁମାର ବେହେରା, ଏଆଇଡିଏସ୍ଓର ଜିଲ୍ଲା ସଭାପତି କମ୍ରେଡ୍ ମଧୁସୁଦାନ ବାଗ, ଯୁବ ସଂଗଠକ ବିନ୍ଦୁସାଗର ବାରିକ, ଏସୟୁସିଆଇ(କମ୍ୟୁନିଷ୍ଟ)ର ରାଜ୍ୟ ସମ୍ପାଦକ ମଣ୍ଡଳୀସଭ୍ୟ କମ୍ରେଡ ଅଶୋକ ମିଶ୍ର ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# ବଲାଙ୍ଗୀର ଗନ୍ଧରେଲଠାରେ ପ୍ରଗତିଶୀଳ ସାଂସ୍କୃତିକ ମିଳନ




ବଲାଙ୍ଗୀର ଜିଲ୍ଲାର ଗନ୍ଧରେଲଠାରେ ଏକ ଭବ୍ୟ 'ସାଂସ୍କୃତିକ ମିଳନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କଳା ଓ ସଂସ୍କୃତିର ପ୍ରକୃତ ଆଦର୍ଶକୁ ଜନମାନସରେ ପହଂଚାଇବା ପାଇଁ ପ୍ରୟାସ କରାଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅପୋଷହୀନ ଧାରାର ମହାନ୍ ବିପ୍ଳବୀ ଶହୀଦ-ଏ-ଆଜମ୍ ଭଗତ ସିଂହ, ରାଜଗୁରୁ ଓ ଶୁକଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ସାଂସ୍କୃତିକ ମିଳନରେ ସମାଜିକ ବାସ୍ତବତା ଓ ସଂଗ୍ରାମକୁ ନେଇ ରଚିତ ଅନେକ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରଗତିଶୀଳ କବିତା ମାଧ୍ୟମରେ ଯୁବପିଢ଼ିଙ୍କୁ ଜାଗ୍ରତ କରିବା ପାଇଁ କବିମାନେ ନିଜର ସୃଜନଶୀଳ ପ୍ରତିଭା ପ୍ରଦର୍ଶନ କରିଥିଲେ। ସାମାଜିକ ସଚେତନତା ଓ ମାନବିକ ମୂଲ୍ୟବୋଧ ଉପରେ ଆଧାରିତ କ୍ଷୁଦ୍ର ନାଟକ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏହି କାର୍ଯ୍ୟକ୍ରମରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ସଭାନେତ୍ରୀ କମ୍ରେଡ୍ ସ୍ୱୟଂପ୍ରଭା ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବରେ ଏଆଇଡିଏସଓର ପୂର୍ବତନ ସାଧାରଣ ସମ୍ପାଦକ ଅଶୋକ ମିଶ୍ର ଯୋଗ ଦେଇଥିଲେ। ଏଆଇଡିଏସ୍ଓର ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ ମଧ୍ୟ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ସୁନୀଲ ଭୋଇ, ତାମସ ବେହେରା, ଗୌରୀ ରାଉତ ସଂଯୋଜନା କରିଥିଲେ।

## *ନୋଏଡା ସମେତ . . .*

*(୩ୟ ପୃଷ୍ଠାର ଅବଶିଷ୍ଟାଂଶ)*

ନା! ଯେପର୍ଯ୍ୟନ୍ତ ନିଯୁକ୍ତିଦାତାମାନେ ଶ୍ରମିକମାନଙ୍କ ରକ୍ତର ଶେଷ ବିନ୍ଦୁ ପର୍ଯ୍ୟନ୍ତ ଶୋଷଣ କରୁଥିବେ ଏବଂ ସେମାନଙ୍କର ପ୍ରତିବାଦର ସ୍ୱର ଉତ୍ତୋଳନ କରିବାର ସର୍ବନିମ୍ନ ଅଧିକାରକୁ ମଧ୍ୟ କ୍ଷୁଣ୍ଣ କରୁଥିବେ, ସେପର୍ଯ୍ୟନ୍ତ କୌଣସି ଦେଶର କୌଣସି ଆଇନ ଶ୍ରମିକମାନଙ୍କ ପ୍ରତିବାଦକୁ ଅଧିକ ଦିନ ଧରି ଦବାଇ ରଖିପାରିବ ନାହିଁ। ନୋଏଡା ଆନ୍ଦୋଳନ ଏହାର ଏକ ଜ୍ୱଳନ୍ତ ନିଦର୍ଶନ।

**ଶ୍ରମିକ ଆନ୍ଦୋଳନ ସଂଗଠିତ, ସଚେତନ, ଏବଂ ସଠିକ୍ ନେତୃତ୍ୱରେ ପରିଚାଳିତ ହେବା ଆବଶ୍ୟକ :**

ସୁସଂଗଠିତ, ଶୃଙ୍ଖଳିତ ପ୍ରତିବାଦ ପାଇଁ ଶ୍ରମିକମାନଙ୍କୁ ଶିକ୍ଷିତ କରିବା ଏବଂ ସମସ୍ତ ପ୍ରକାର ଶୋଷଣ ବିରୁଦ୍ଧରେ ମିଳିତ ଦର କଷାକଷି (collective bargaining) ଏବଂ ଧର୍ମଘଟର ଅସ୍ତ୍ରକୁ ସଠିକ୍ ଭାବେ ବ୍ୟବହାର କରି ଏକ ଶକ୍ତିଶାଳୀ ଶ୍ରମିକ ଆନ୍ଦୋଳନର ଜୁଆର ସୃଷ୍ଟି କରିବା କ୍ଷେତ୍ରରେ ଶ୍ରମିକ ସଂଗଠନଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶାସକ ଏକଚାଟିଆ ପୁଞ୍ଜିପତି ଶ୍ରେଣୀ ଏ ସମ୍ପର୍କରେ ସଚେତନ ଯେ ଅସଂଗଠିତ, ନେତୃତ୍ୱହୀନ, ସ୍ୱତଃସ୍ଫୂର୍ତ୍ତ ଅଭ୍ୟୁତ୍ଥାନ କୁ ଦମନ କରିବା ସହଜ। କିନ୍ତୁ ଉଚ୍ଚ ନୀତି ନୈତିକତା ଓ ସଂସ୍କୃତି ଆଧାରିତ ଏବଂ ଏକ ସଠିକ୍ କ୍ରାନ୍ତିକାରୀ ନେତୃତ୍ୱର ପରିଚାଳନାରେ ଗଢ଼ିଉଠୁଥିବା ସଚେତନ ସଂଗଠିତ ଶ୍ରମିକ ଆନ୍ଦୋଳନକୁ ଦମନ କରିବା ସହଜ ସାଧ୍ୟ ନୁହେଁ।

ଏଠାରେ ହିଁ ପ୍ରକୃତ ସଂଗ୍ରାମୀ ବାମପନ୍ଥୀ ଶ୍ରମିକ ସଂଗଠନର କ୍ରାନ୍ତିକାରୀ ଭୂମିକା, ଯାହା ଶ୍ରମିକମାନଙ୍କର ସଚେତନତା ବୃଦ୍ଧି କରିବ ଏବଂ କାରଖାନା ସ୍ତରରେ ଶ୍ରମିକମାନଙ୍କର ନିଜସ୍ୱ କମିଟି ଗଠନ କରି ଏକ ନିରନ୍ତର ଗଣତାନ୍ତ୍ରିକ ଶ୍ରମିକ ଆନ୍ଦୋଳନ ଗଢ଼ି ତୋଳିବାରେ ସେମାନଙ୍କୁ ସକ୍ଷମ କରିବ।

ଇତିହାସ ସାକ୍ଷୀ ଅଛି, ଶାସକ ଶ୍ରେଣୀ ନିର୍ମମ ଶୋଷଣ କରି ଶ୍ରମିକ ଆନ୍ଦୋଳନକୁ ଦମନ କରିବା ପାଇଁ ସମସ୍ତ ପ୍ରକାର ପ୍ରୟାସ କରିବା ସତ୍ତ୍ୱେ ଇତିହାସର ଅମୋଘ ନିୟମରେ ସମସ୍ତ ବାଧା ପ୍ରତିବନ୍ଧକକୁ ଚୁରମାର୍ କରି ଶୋଷିତ ଶ୍ରମିକ ଶ୍ରେଣୀ ଶୋଷଣ ମୂଳକ ପୁଞ୍ଜିବାଦୀ ବ୍ୟବସ୍ଥାକୁ ଉଛେଦ କରି ରାଷ୍ଟ୍ର କ୍ଷମତା ଦଖଲ କରିବ।

★★★

## *ବିଜେପି ସରକାରର . . .*

*(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)*

ପରିଣତ କରି ସେମାନଙ୍କର ଅନ୍ୟାୟ ବିରୁଦ୍ଧରେ ଲଢ଼ିବାର ତେଜ ସାହସକୁ ଧ୍ୱଂସ କରିଦେବା, ଦେଶର ଛାତ୍ର ଯୁବକ ଖାଲି ନୁହନ୍ତି, ଏପରିକି କମ ବୟସର ପିଲାମାନଙ୍କୁ ବି ନିଶାସକ୍ତ କରାଇ ସେମାନଙ୍କୁ ବିପଥଗାମୀ କରାଇବା ଯୋଜନା ଓ ନୀତି ସମସ୍ତ ଭୋଟ ସର୍ବସ୍ୱ ଦଳମାନଙ୍କର। କାରଣ ଦେଶର ଅସଲ ଶାସକ ପୁଞ୍ଜିପତି ଶ୍ରେଣୀ ଚାହେଁ, ଏହି ଶୋଷଣମୂଳକ ପୁଞ୍ଜିବାଦୀ ବ୍ୟବସ୍ଥା ବିରୁଦ୍ଧରେ କ୍ରମବର୍ଦ୍ଧମାନ ଜନ ଅସନ୍ତୋଷ ଜନ ଆନ୍ଦୋଳନରେ ଯେମିତି ଫାଟି ନ ପଡ଼ୁ। ଯୁବ ଶକ୍ତି ଜାଗି ନଉଠୁ। ତା'ହେଲେ ବିପଦ। ତେଣୁ ମଦ ଯେମିତି ଏହି ଶାସକ ଶ୍ରେଣୀଙ୍କୁ ଜନ ଆନ୍ଦୋଳନର ବିପଦରୁ ରକ୍ଷା କରିବା ପାଇଁ ଏକ ମହୌଷଧିରେ ପରିଣତ ହୋଇଛି। ଫଳରେ ତା'ର ସେବାଦାସ ସମସ୍ତ ଦଳର ସରକାରମାନେ ମଦର ବ୍ୟାପକ ପ୍ରସାର ନୀତି ଆପଣେଇଛନ୍ତି। ତେଣୁ ଏହି ସତ୍ୟକୁ ବୁଝି ଆଜି ଜନସାଧାରଣଙ୍କୁ ମଦ ଓ ଅନ୍ୟାନ୍ୟ ନିଶାର ପ୍ରସାର ବିରୁଦ୍ଧରେ ଆଗେଇ ଆସିବାକୁ ହେବ ଓ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବାକୁ ହେବ। ସମାଜ ସଭ୍ୟତାକୁ ରକ୍ଷା କରିବାକୁ ହେବ।

★★★

Regd.No-ORI ORI/2011/37220 • VOL. NO. 13, ISSUE NO. 26 • ମୂଲ୍ୟ-୫ଟଙ୍କା

# ରାଜ୍ୟରେ ବଢ଼ିଚାଲିଥିବା ଭିଡ଼ ହିଂସା ଓ ନାରୀ ନିର୍ଯାତନା ପ୍ରତିବାଦରେ ଏସୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ




ରାଜ୍ୟରେ ଘଟି ଚାଲିଥିବା ଗୋଟିଏ ପରେ ଗୋଟିଏ ଲୋମହର୍ଷଣକାରୀ ଭିଡ଼ ହତ୍ୟା ଓ ନାରୀ ନିର୍ଯାତନା ଘଟଣା ଅତ୍ୟନ୍ତ ଉଦବେଗ ଜନକ ପରିସ୍ଥିତି ସୃଷ୍ଟି କରିଛି। ଏହା ବିରୁଦ୍ଧରେ ମଇ ୧୧ ତାରିଖରେ ଏସୟୁସିଆଇ(କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ଉଦ୍ୟୋଗରେ ଗ୍ରାମାଂଚଳ ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାର୍ଟି ଜିଲ୍ଲା ସମ୍ପାଦକ କମ୍ରେଡ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ଦୀପକ୍ ଦାସ, ବିନୋଦ ସେଠୀ, ତରୁଣସେନ୍ ନାୟକ, ଇଶା ଧର, ଶିବାନୀ ସାହୁ, ଶୁଭସ୍ମିତା ସାହୁ, ପ୍ୟାଭେଲ ପ୍ରିୟଦର୍ଶନ, ସ୍ୱାଧୀନ ବେହେରା, ସିପ୍ରା ମହାନ୍ତି, ଭାଗ୍ୟଶ୍ରୀ ପ୍ରଧାନ ପ୍ରମୁଖ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ। ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

# ଅଗଣତାନ୍ତ୍ରିକ ଆଦର୍ଶ ଆଚରଣ ସଂହିତା ଲାଗୁ କରିବା ବିରୁଦ୍ଧରେ ଏଆଇଡିଏସ୍‌ଓ ର ପ୍ରତିବାଦ







ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତ ଏପ୍ରିଲ ୧୦ ତାରିଖରେ ରାଜ୍ୟର ସମସ୍ତ କଲେଜ, ବିଶ୍ୱବିଦ୍ୟାଳୟମାନଙ୍କରେ ଚରମ ଛାତ୍ର-ଶିକ୍ଷକ ବିରୋଧୀ ଅଗଣତାନ୍ତ୍ରିକ ଆଦର୍ଶ ଆଚରଣ ସଂହିତା ଲାଗୁ କରାଯାଇଛି। ଏହି ସଂହିତା ଅନୁଯାୟୀ, କ୍ୟାମ୍ପସ ମଧ୍ୟରେ କୌଣସି ସଭା, ସମିତି, ସମାବେଶ, ଆନ୍ଦୋଳନ କିମ୍ବା ହରତାଳ କରିବାକୁ ହେଲେ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣିବାକୁ ହେବ। ଏହି ଆଚରଣ ସଂହିତାକୁ ତୁରନ୍ତ ପ୍ରତ୍ୟାହାର କରିବା, ଶିକ୍ଷାନୁଷ୍ଠାନ ମଧ୍ୟରେ ଗଣତାନ୍ତ୍ରିକ ଓ ଶୈକ୍ଷିକ ବାତାବରଣକୁ ସୁରକ୍ଷିତ କରିବା, ତୁରନ୍ତ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଘୋଷଣା କରିବା ଆଦି ଦାବିରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ(ଏଆଇଡିଏସଓ) ତରଫରୁ କଟକରେ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଏବଂ ବ୍ରହ୍ମପୁରର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା ଏବଂ କୁଳପତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଆଇଡିଏସଓ ରାଜ୍ୟ ଉପ-ସଭାପତି କମ୍ରେଡ ଭାଗ୍ୟରବି ଦାସ, ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ବିନୋଦ ସେଠୀ, ତରୁଣ ସେନ ନାୟକ, ଇଶା ଧର, ନିମାଇଁ ଚରଣ ସାହୁ, ଶିବାନୀ ସାହୁ, ଜ୍ୟୋସ୍ନା ରାଣୀ ଦାସ, ପପୁନ ସାହୁ, କିସାନ କୁମାର ସାହୁ, ଭାଗ୍ୟଶ୍ରୀ ପ୍ରଧାନ, ଶୁଭସ୍ମିତା ପାଣିଗ୍ରାହୀ, କାମରାଜ ସାହୁ ପ୍ରମୁଖ ନେତୃତ୍ୱ ଦେଇଥିଲେ।

# ସ୍ୱାବଲମ୍ବୀ କାରିଗର ସଂଘ ପକ୍ଷରୁ କଟକ ସଦର ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ




ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ରାଜ୍ୟ ମିଳିତ ସ୍ୱାବଲମ୍ବୀ କାରିଗର ସଂଘ କଟକ ସଦର ବ୍ଲକ କମିଟି ପକ୍ଷରୁ ମଇ ୨୦ ତାରିଖରେ କଟକ ସଦର ବ୍ଲକ ଅଫିସ୍ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଥାଉ କି ସ୍ୱାବଲମ୍ବୀ କାରିଗର ମାନେ ବିନା ଛୁଟିରେ କାମ କରୁଛନ୍ତି। କିନ୍ତୁ ସେମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦିଆଯାଉ ନାହିଁ କିମ୍ବା ଦୈନିକ ସର୍ବନିମ୍ନ ମଜୁରୀ ପ୍ରଦାନ କରାଯାଉ ନାହିଁ। ପ୍ରତି ମାସ ଦରମା ଦିଆ ଯାଉ ନାହିଁ, ବର୍ଷ ବର୍ଷ ଧରି ପମ୍ପ ଚାଳକ ମାନଙ୍କ ଦରମା ପ୍ରଦାନ କରାଯାଉ ନାହିଁ, ବର୍ଷ ବର୍ଷ ଧରି ପାଣି ମିଟର ଖରାପ ହୋଇ ପଡ଼ିଛି କିନ୍ତୁ ତାହା ତିଆରି କରାଯାଉ ନାହିଁ ଆଦି ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇ ଥିଲା। ସଂଘର ଜିଲ୍ଲା ସଭାପତି ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଏସୟୁସିଆଇ(ସି) କଟକ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଏସୟୁସିଆଇ (ସି) ଜିଲ୍ଲା କମିଟି ସଦସ୍ୟ ଭାଗ୍ୟ ରବି ଦାସ, ସଂଘ ପକ୍ଷରୁ ମାନଗୋବିନ୍ଦ ପଣ୍ଡା, ଯୋଗେନ୍ଦ୍ର ରାଉତ, ସତ୍ୟରଞ୍ଜନ ପ୍ରଧାନ, ସୁବାସ ପୃଷ୍ଟି, ବିଚିତ୍ରାନନ୍ଦ ରାଉତରାୟ, ବିଭୂତି ଭୂଷଣ ଭୋଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଏଆଇୟୁଟିୟୁସି ଉଦ୍ୟୋଗରେ କମ୍ରେଡ୍ ସତ୍ୟପ୍ରିୟ ମହାନ୍ତିଙ୍କ ରାଜ୍ୟ ସ୍ତରୀୟ ସ୍ମୃତି ସଭା






ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ ସେଣ୍ଟର (ଏଆଇୟୁଟିୟୁସି) ସର୍ବ ଭାରତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ଓଡିଶା ରାଜ୍ୟ ଉପସଭାପତି ପ୍ରୟାତ କମ୍ରେଡ୍ ସତ୍ୟପ୍ରିୟ ମହାନ୍ତିଙ୍କ ରାଜ୍ୟ ସ୍ତରୀୟ ସ୍ମୃତି ସଭା ୬ ମଇ୨୦୨୬ରେ ଭୁବନେଶ୍ୱରସ୍ଥ ଲୋହିଆ ଏକାଡ଼େମୀଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଆଇୟୁଟିୟୁସି ଓଡିଶା ରାଜ୍ୟ ସଭାପତି କମ୍ରେଡ୍ ଶମ୍ଭୁନାଥ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ପ୍ରୟାତ ନେତାଙ୍କ ଫଟୋଚିତ୍ରରେ ଏଆଇୟୁଟିୟୁସି ସର୍ବ ଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତଙ୍କ ପକ୍ଷରୁ କମ୍ରେଡ୍ ପୂର୍ଣ୍ଣଚନ୍ଦ୍ର ବେହେରା, ଫେଡେରେସନ ଅଫ୍ ଇଣ୍ଡିଆନ ଷ୍ଟିଲ ୱାର୍କର୍ସର ସାଧାରଣ ସମ୍ପାଦକ କମ୍ରେଡ୍ ଅମରନାଥ ଚୌଧୁରୀଙ୍କ ପକ୍ଷରୁ କମ୍ରେଡ୍ ଅଜିତ ନାୟକ ଏବଂ ଅତିଥି ଓ ବକ୍ତାମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରୟାତ ନେତା ସତ୍ୟପ୍ରିୟ ମହାନ୍ତିଙ୍କ ପ୍ରତି ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ କମିଟିର ଶୋକ ବାର୍ତ୍ତାକୁ ସଂଗଠନର ରାଜ୍ୟ ସମ୍ପାଦକ କମ୍ରେଡ୍ ଜୟସେନ ମେହେର ପାଠ କରିବା ପରେ ପ୍ରୟାତ ନେତାଙ୍କ ସ୍ମୃତିରେ ଏକ ମିନିଟ ନୀରବତା ପାଳନ କରାଯାଇଥିଲା। ଏଆଇୟୁଟିୟୁସିର ବରିଷ୍ଠ ସର୍ବ ଭାରତୀୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଦୀପକ ଦେବ, ଓଡିଶା ରାଜ୍ୟ ଉପସଭାପତି କମ୍ରେଡ୍ ବିଷ୍ଣୁ ଦାସ, ଏବଂ ଆମନ୍ତ୍ରିତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ୍ ବିଜୟ ଜେନା, ସିଆଇଟିୟୁ ରାଜ୍ୟ ସମ୍ପାଦକ କମ୍ରେଡ୍ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଏଆଇସିସିଟିୟୁ ରାଜ୍ୟ ସଭାପତି କମ୍ରେଡ୍ ରାଧାକାନ୍ତ ସେଠୀ, ଟିୟୁସିସି ରାଜ୍ୟ ନେତା କମ୍ରେଡ୍ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଏଲପିଏଫ୍ ରାଜ୍ୟ ସାଧାରଣ ସମ୍ପାଦକ କମ୍ରେଡ୍ ମାୟାଧର ନାୟକ ପ୍ରୟାତ ନେତା କମ୍ରେଡ୍ ସତ୍ୟପ୍ରିୟ ମହାନ୍ତିଙ୍କ ଜୀବନ ସଂଗ୍ରାମ ଏବଂ ଶ୍ରମିକ ଆନ୍ଦୋଳନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସେ ଦୀର୍ଘ ଛଅ ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ ଯେଉଁ ବଳିଷ୍ଠ ସଂଗ୍ରାମ କରି ଯାଇଛନ୍ତି ସେଥିରୁ ଶିକ୍ଷା ଗ୍ରହଣ କରି ଶ୍ରମିକ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଶ୍ରମିକ ସଂଗଠନର ନେତା, କର୍ମୀ, ସଂଗଠକ ତଥା ଶ୍ରମିକ କର୍ମଚାରୀ ସକ୍ରୀୟ ଭୂମିକା ପାଳନ କରିବାକୁ ଅତିଥି ଓ ବକ୍ତାମାନେ ଆହ୍ୱାନ ଦେଇ ଥିଲେ। ଆନ୍ତର୍ଜାତିକ ସଙ୍ଗୀତ ଗାନ ପରେ ସଭାପତି କମ୍ରେଡ୍ ଶମ୍ଭୁନାଥ ନାଏକ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲା।

# ଦୈତାରୀ ଉପତ୍ୟକା ଖଣି କ୍ଷତିଗ୍ରସ୍ତ ଗଣମଂଚ ପକ୍ଷରୁ ଗଣବିକ୍ଷୋଭ




କେନ୍ଦୁଝର ଜିଲ୍ଲାର ଦୈତାରୀ ମାଇନ୍ସ ଚାରିପାଖରେ ଥିବା ଗ୍ରାମ ଗୁଡିକର ବହୁ ସଂଖ୍ୟକ ଜନସାଧାରଣ ଖଣି କ୍ଷତିଗ୍ରସ୍ତ ସମସ୍ତ ବେକାର ଯୁବକ ଯୁବତୀମାନଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦେବା, ସମସ୍ତ ଗାଁକୁ ପାନୀୟ ଜଳ ଟ୍ୟାଙ୍କର ଯୋଗେ ଯୋଗାଇ ଦେବା, ଖଣି ସଂଲଗ୍ନ ଗାଁ ଗୁଡିକରେ ବିଜୁଳି ସଂଯୋଗ କରିବା, ଗାଁ ରାସ୍ତା ଗୁଡିକୁ ପକ୍କା କରିବା, ଖଣି ଅଂଚଳରେ ନିଶୁଳ୍କ ଆମ୍ବୁଲାନ୍ସ ସେବା ଯୋଗାଇ ଦେବା, ଦୈତାରୀଠାରେ ମାଇନିଙ୍ଗ ଇଞ୍ଜିନିୟରିଙ୍ଗ ସ୍କୁଲ ପ୍ରତିଷ୍ଠା କରିବା ଆଦି ୭ଦଫା ଦାବିରେ ମଇ ୧୧ତାରିଖରେ ‘ଦୈତାରୀ ଉପତ୍ୟକା ଖଣି କ୍ଷତିଗ୍ରସ୍ତ ଗଣମଂଚ’ ନେତୃତ୍ୱରେ ସ୍ଥାନୀୟ ଓଏମ୍‌ସି ରେଜିଓନାଲ ମ୍ୟାନେଜରଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶହ ଶହ ଖଣି କ୍ଷତିଗ୍ରସ୍ତ ଗ୍ରାମବାସୀ, ବେକାର ଯୁବକ ଯୁବତୀ ଓ ଛଟେଇ ଶ୍ରମିକ ପୁରୁଣା ବଜାର ଛକରୁ ଏକ ଶୋଭାଯାତ୍ରାରେ ଆସି ମାଇନିଙ୍ଗ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଚାଷୀ ନେତା କାଇତା ସର୍ଦ୍ଦାରଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିକ୍ଷୋଭକାରୀ ମାନଙ୍କୁ ସମ୍ବୋଧିତ କରି ବିଶିଷ୍ଟ ଶ୍ରମିକ ନେତା ତଥା ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ କମ୍ରେଡ୍ ଜୟସେନ ମେହେର ଓ କମ୍ରେଡ୍ ସୁରେଶ ପ୍ରଧାନ ପ୍ରମୁଖ ଖଣି କର୍ତ୍ତୃପକ୍ଷଙ୍କ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ନ୍ୟାୟ ସଂଗତ ଦାବି ପ୍ରତି ସରକାରୀ ଉଦାସୀନତାର ତୀବ୍ର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ସ୍ୱାଇଁ, ଜେନ ଜେରାଇ, ବୁଦ୍ଧଦେବ ମୁଣ୍ଡା, ବଳିଆ ଦେଓଗାମ, ଶ୍ରବଣ ପ୍ରଧାନ, ଗୁରୁଚରଣ ହେମ୍ବ୍ରମ, ରଜତ କିସ୍କୁ, ଭାଦାଓ ମାଝୀ, ସାଧୁଚରଣ ମହାକୁଡ଼ ଜଗନ୍ନାଥ ହେମ୍ବ୍ରମ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ୫ଜଣିଆ ପ୍ରତିନିଧି ଦଳ ଆଂଚଳିକ ଖଣି ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das